ଦାଶ ବେନହୁର

ମୋ' କଥା ଶୁଣ

Digitized by srujanika@gmail.com

ମ' କଥାଟି ଶୁଣ

ଦାଶ ବେନହୁର

ଆମ ଓଡ଼ିଶା
AMA ODISHA

ମୋ' କଥାଟି ଶୁଣ

ଦାଶ ବେନହୁର

ପ୍ରକାଶକ: ଆମ ଓଡ଼ିଶା
ପ୍ରଥମ ସଂସ୍କରଣ: ୨୦୧୫
ସ୍ୱତ୍ୱ: ଆମ ଓଡ଼ିଶା

ପ୍ରଚ୍ଛଦ ଓ ରେଖାଚିତ୍ର: ମଣ୍ଟୁଲ୍
ମୂଲ୍ୟ: ୭୦ ଟଙ୍କା

Mo Kathati Suna

Dash Benhur

Publisher: Aama Odisha
First edition: December, 2015
Copyright: Aama Odisha

Cover and Illustration: Mantul
ISBN: 978-93-84213-02-2
Price: ₹ 70/-

ଶୁଭେଚ୍ଛା...

ଭାଷା ଓ ସାହିତ୍ୟ ପ୍ରତି ଉତ୍ତରପିଢ଼ିର ଅନୁରାଗ ଓ ସଂପୃକ୍ତିକୁ ବଞ୍ଚାଇ ରଖିବାକୁ ହେଲେ ପିଲାଙ୍କ ପାଇଁ ସାହିତ୍ୟ ସୃଷ୍ଟି ଏକମାତ୍ର ବାଟ। 'ଆମ ଓଡ଼ିଶା' ପ୍ରକାଶନ ବିଭାଗ ଏହି କଥାକୁ ଗୁରୁତ୍ୱ ଦେଇ ପିଲାଙ୍କ ପାଇଁ କିଛି ପୁସ୍ତକ ପ୍ରକାଶନ କରିଆସୁଛି । ସାହିତ୍ୟର ଆଗଧାଡ଼ିର ଲେଖକ ଲେଖିକାମାନଙ୍କୁ ଆମେ ସବୁବେଳେ ପିଲାଙ୍କ ପାଇଁ ଲେଖିବାକୁ ଅନୁରୋଧ କରିଆସିଛୁ ।

ଓଡ଼ିଆ ସାହିତ୍ୟରେ ଦାଶ ବେନହୁର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି କେବଳ ପୁରସ୍କୃତ ହୋଇଛନ୍ତି ତାହା ନୁହେଁ, ଅଗଣିତ ପାଠକପାଠିକାଙ୍କୁ ଯଥେଷ୍ଟ ଆନନ୍ଦ ମଧ୍ୟ ଦେଇଛନ୍ତି। ଓଡ଼ିଆ ସାହିତ୍ୟର ମୁଖ୍ୟସ୍ରୋତରେ ରହି ସୁଦ୍ଧା ବହୁ ବର୍ଷ ଧରି ପିଲାଙ୍କ ପାଇଁ ଲେଖାଲେଖିରେ ସମୟ ଦେଇ ଅନେକ ପରୀକ୍ଷା ନିରୀକ୍ଷା କରିଛନ୍ତି । ସେଥିପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ମଧ୍ୟ ତାଙ୍କୁ ପୁରସ୍କୃତ କରିଛି। ସରକାରୀ ଚାକିରିରୁ ଅବସର ପରେ ବର୍ତ୍ତମାନ 'ପିଲାଙ୍କ ସମ୍ବାଦ'ର ସମ୍ପାଦନା ଦାୟିତ୍ୱ ନେଇ ସେ ଓଡ଼ିଆ ଶିଶୁ ସାହିତ୍ୟକୁ ଆଗେଇ ନେବା ପାଇଁ ଉଦ୍ୟମ କରୁଛନ୍ତି। 'ପିଲାଙ୍କ ସମ୍ବାଦ'ରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ 'ମୋ କଥାଟି ଶୁଣ' ଶୀର୍ଷକରେ ଏକାଠି ଏଠାରେ ସଙ୍କଳିତ ହୋଇଛି। ମୋର ବିଶ୍ୱାସ ଯେଉଁମାନେ 'ପିଲାଙ୍କ ସମ୍ବାଦ' ଦେଖି ନଥିବେ ସେମାନଙ୍କ ପାଇଁ ଏ ସଙ୍କଳନ ଅତ୍ୟନ୍ତ ଉପାଦେୟ ହେବ। ଏଥିପାଇଁ ମୁଁ ଦାଶ ବେନହୁରଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ଦେଉଛି।

ସୌମ୍ୟରଂଜନ ପଟ୍ଟନାୟକ

Digitized by srujanika@gmail.com

କଥା ପଦେ :

ପିଲାମାନଙ୍କ ପାଇଁ ଗପ, ଗୀତ, ପହଲି, ନାଟକ, ଉପନ୍ୟାସ, ଜୀବନୀ ଓ ଭ୍ରମଣ କାହାଣୀ ଭଳି ଫିଚର୍ ବା ଛୋଟ ପ୍ରବନ୍ଧର ମଧ୍ୟ ଆବଶ୍ୟକତା ଅଛି । ଥରେ ଗୋଟିଏ ଆଲୋଚନାରେ ଜଣେ ଜଣାଶୁଣା ପିଲାଙ୍କ ଲେଖକ ଶିଶୁମାନଙ୍କ ପାଇଁ ପ୍ରବନ୍ଧ ଲେଖାଯାଇପାରିବ ନାହିଁ ହୋଲି ମନ୍ତବ୍ୟ ଦେଲେ । ତାଙ୍କ ମତରେ ପ୍ରବନ୍ଧ ମାତ୍ରେ ଇ ଗୁରୁ ଗମ୍ଭୀର ତେଣୁ ପିଲାମନଙ୍କର ସମଝ ବାହାରେ । ଅତଏବ ସେ ଭଳି ଚେଷ୍ଟା ନିରର୍ଥକ ।

ଏ ମତ କିନ୍ତୁ ଗ୍ରହଣୀୟ ନୁହେଁ କାରଣ ସବୁ ଲେଖାକୁ ଆମେ ଗମ୍ଭୀର ବା ହାଲୁକା ଏପରି ଭେଦରେ ବିଚାର କରିପାରିବା ନାହିଁ । ଯେମିତି ପିଲାମାନଙ୍କୁ ଖାଦ୍ୟ ପରଷିଲା ବେଳେ ବଡ଼ମାନଙ୍କ ଖାଦ୍ୟକୁ ନରମ ଓ ହାଲୁକା କରି ଖାଇବାକୁ ଦିଆଯାଏ, ସେମିତି ଅନେକ ଗୁରୁ ଗମ୍ଭୀର କଥା ମଧ୍ୟ ସରଳ କରି ସେମାନଙ୍କ ପଠନଯୋଗ୍ୟ କରାଯାଇ ପାରିବ । ଏ ଛୋଟ ବହିଟି ସେ ଦିଗରେ ଏକ ପଦକ୍ଷେପ ମାତ୍ର । ପିଲାମାନେ ଆଖି ଆଗରେ ଦେଖୁଥିବା କେତେଗୋଟି ସାଧାରଣ ପଦାର୍ଥକୁ ନେଇ ଏ ଛୋଟ ପ୍ରବନ୍ଧଗୁଡ଼ିକ ଲିଖିତ । ପ୍ରାୟ ପ୍ରତ୍ୟେକଟି ପ୍ରବନ୍ଧ ଗୋଟିଏ ଗୋଟିଏ ପଦାର୍ଥକୁ ନେଇ । କେବଳ ମିଛିମିଛିକିଆ ରୋଷେଇ-ଖେଳ କଥାଟିରେ, ପଦାର୍ଥ ବଦଳରେ ଭାବକୁ ଗ୍ରହଣ କରାଯାଇଛି । ଏ ବିଷୟଟି ଗାଁ ଗହଳରେ ପିଲାଙ୍କର ଏତେ ପ୍ରିୟ ଯେ ତାହାକୁ ଅଣଦେଖା କରିହେବ ନାହିଁ ।

ପୂର୍ବରୁ ଏ ସମସ୍ତ ଲେଖା ସାପ୍ତାହିକ ପତ୍ରିକା 'ପିଲାଙ୍କ ସମ୍ବାଦ'ରେ ଧାରାବାହିକଭାବେ ପ୍ରକାଶିତ ହୋଇ ଅଶେଷ ପାଠକୀୟତା ଲାଭ କରିଛି ।

ଲେଖକର ବିଶ୍ୱାସ ପିଲାମାନେ ଏହି ଛୋଟ ପ୍ରବନ୍ଧ ବହିଟିକୁ ଅବଶ୍ୟ ଭଲପାଇବେ । ଏହା ସେମାନଙ୍କର ପଠନ ସ୍ପୃହା ବଢ଼ାଇବାରେ ସହାୟକ ହେବ ନିଶ୍ଚୟ ।

ଦାଶ ବେନହୁର

Digitized by srujanika@gmail.com

ଏଥିରେ ଅଛି

ଚା'	୦୭
ଥର୍ମୋମିଟର	୧୦
ବୋଇତି କଥାରୁ	୧୪
ଶଗଡ଼	୧୭
ଲୁଣ	୨୦
ଚକୋଲେଟ୍	୨୨
ବେଲୁନ୍	୨୪
ଆମ୍ବୁଲ	୨୭
ପଇସା ମୁଣି	୩୦
ଝରକଲମ	୩୩
ଦିଆସିଲି କାଠି	୩୬
ପୋଷ୍ଟ କାର୍ଡ୍	୩୯
ଦର୍ପଣ	୪୨
ଡିବିରି	୪୫
ଟେଲିଫୋନ୍	୪୮
ସାଇକଲ୍	୫୧

Digitized by srujanika@gmail.com

ଦାନ୍ତକାଠି	୫୪
ଡାଏରି	୫୭
କାଠଚୁଲି	୬୦
ବଡ଼ି	୬୩
ମିଛିମିଛିକିଆ ରୋଷେଇ	୬୬
ପଇଡ଼	୬୯
ଛତୁ	୭୨
ଢୋଲି	୭୫
ଇଟା	୭୮
ମୋବାଇଲ୍	୮୧
ରେଡିଓ	୮୩
ଆଇସ୍‌କ୍ରିମ୍	୮୬
ପେନ୍‌ସିଲ୍	୮୯
ସାବୁନ୍	୯୧
ଚଉରା	୯୩
ଢିଙ୍କି	୯୬
ଜୋତା	୯୯
ସ୍କୁଲ୍ ବ୍ୟାଗ୍	୧୦୨

Digitized by srujanika@gmail.com

ଚା'

ସେଦିନ ସକାଳେ ଜେଜେବାପା ମତେ ପିଉଥିଲେ । କପ୍‌ରୁ ପ୍ଲେଟ୍‌କୁ ଢାଳି ପିଇଲାବେଳେ ସୁଡ଼ୁସୁଡ଼ୁ ଶବଦ ଶୁଣି ତୁମର ଭାରି ଇଚ୍ଛା ହେଉଥିଲା ମତେ ପିଇବାକୁ । ତୁମେ ତାଙ୍କୁ ନାକେଇ ଚାହିଁଥିଲ । ମା' ଆସି ସଫା ମନା କରିଦେଲେ । କହିଲେ, ''ଛୋଟପିଲା ଚା' ପିଅନ୍ତିନି ।''

Digitized by srujanika@gmail.com

ସତ କଥା । ପିଲାମାନେ ମତେ ପିଇବା କଥା ପଡ଼ିଲେ ପ୍ରାୟ ସମସ୍ତେ ବାରଣ କରନ୍ତି । କାରଣ ମୁଁ ପିଲାମାନଙ୍କର ସ୍ୱାସ୍ଥ୍ୟ ଦିଗରୁ ଅହିତକାରୀ । ମୋ ଦେହରେ କାଫିନ୍ ଅଛି, ଯାହା ଏକ ପ୍ରକାରର ବିଷ । କେହି କେହି କହନ୍ତି, ମୋର କେତେକ ଦାମୀ କିସମରେ କାଫିନ୍ କମ୍ ଅଛି, କିନ୍ତୁ ଏ ଧାରଣା ବି ଭୁଲ୍ । ମୋ ଦେହରେ ଟାନିନ୍ ଅଛି, ଯାହା ପୁଷ୍ଟିସାର ଖାଦ୍ୟକୁ ହଜମ କରେଇବାରେ ବାଧା ସୃଷ୍ଟି କରେ । ତା'ସହିତ କିଛି କିଛି ପାଚକ ରସ ମଧ୍ୟ ମୋ ଯୋଗୁଁ ପାକସ୍ଥଳୀରୁ ଝରିବା ବନ୍ଦ ହୋଇଯାଏ ।

ଏ ସବୁ କଥା ଛୋଟ ପିଲାଙ୍କ ପାଇଁ । ମାତ୍ର ପାନୀୟ ହିସାବରେ ମୁଁ ହେଉଛି ପୃଥିବୀର ସବୁଠାରୁ ଅଧିକ ବ୍ୟବହାର କରାଯାଉଥିବା ପାନୀୟ । ବୟସ୍କ ଲୋକମାନେ ମତେ ପିଇବାର କାରଣ ହେଲା, ମୋ ଦେହରେ ଯେଉଁ ଏଲ୍-ଥେନିନ୍ ନାମକ ରାସାୟନିକ ପଦାର୍ଥ ଅଛି, ତାହା ମନକୁ ଶାନ୍ତ ଓ ତାଜା କରିବାରେ ସାହାଯ୍ୟ କରେ ।

ମୁଁ ଏକ ବୁଦୁବୁଳିକିଆ ଚିର ହରିତ୍ ଗଛ । ପ୍ରାୟ ଗ୍ରୀଷ୍ମମଣ୍ଡଳୀୟ ଇଲାକାରେ ମୁଁ ଦେଖାଦିଏ । ଗଛ ହିସାବରେ ମୋ ନାମ 'ଚା' ଏବଂ ପାନୀୟ ହିସାବରେ ମଧ୍ୟ ମୋ ନାଁ 'ଚା' । ବୈଜ୍ଞାନିକମାନେ ମୋର ଗଛ ନାମକୁ କହନ୍ତି, ''କାମେଲିଆ ସିନେନ୍‌ସିସ୍'' । ଜାଣିବାର କଥା ଯେ ମୁଁ ସିଧାସଳଖ ଗଛରୁ ଆସି ବ୍ୟବହୃତ ହୁଏ ନାହିଁ । ମତେ ତିଆରି କରିବା ପାଇଁ ଏକ ପ୍ରସ୍ତୁତି ପ୍ରକ୍ରିୟା ଦରକାର ପଡ଼େ । ନିର୍ଦ୍ଦିଷ୍ଟ ଉତ୍ତାପରେ ଶୁଖେଇ ମତେ ପ୍ରସ୍ତୁତ କରିବାକୁ ହୁଏ । ଧଳା, ସବୁଜ, କଳା ଓ ଉଲଙ୍ଗ୍ ଆଦି ବିଭିନ୍ନ ରୂପରେ ମୁଁ ବଜାରରେ ମିଳେ । ନାନା ପ୍ରକାରର ମିଶ୍ରଣ ପ୍ରକ୍ରିୟା ମାଧ୍ୟମରେ ମତେ ଭିନ୍ନ ଭିନ୍ନ ପ୍ରକାରର ବାସ୍ନା ଓ ସ୍ୱାଦରେ ପରିଣତ କରାଯାଏ । ନିଜର ଜନ୍ମସ୍ଥାନ ଅନୁସାରେ ବାସ୍ନା ମଧ୍ୟ ଭିନ୍ନ ହୁଏ ।

Digitized by srujanika@gmail.com

ମୋର ଆଦି ଜନ୍ମସ୍ଥାନ ହେଉଛି ପୂର୍ବ ଓ ଦକ୍ଷିଣ ଏସିଆ । ଉତ୍ତରପୂର୍ବ ଭାରତ, ଉତ୍ତର ବର୍ମା ଓ ଦକ୍ଷିଣ ପଶ୍ଚିମ ଚୀନ୍ ଜନମମାଟି । ଗବେଷକମାନେ କହୁଛନ୍ତି ଯେ ମୋର ବ୍ୟବହାର ପ୍ରଥମେ ଚୀନ୍ ଦେଶର ଲୋକେ ଆରମ୍ଭ କରିଥିଲେ । ସିଏ ଖ୍ରୀଷ୍ଟପୂର୍ବ ଦଶମ ଶତାବ୍ଦୀର କଥା । ପରେ ପର୍ତ୍ତୁଗୀଜ୍‌ମାନେ ଷୋଡ଼ଶ ଶତାବ୍ଦୀରେ ମତେ ନେଇ ଇଉରୋପ ମହାଦେଶରେ ପରିଚିତ କରାଇଲେ ।

ଏବେ ସାରା ବିଶ୍ୱରେ ମତେ ସମସ୍ତେ ଜାଣନ୍ତି ।

ତେବେ ଗୋଟେ କଥା । ମୋ ବଗିଚା ଦେଖିଲେ ତୁମକୁ ଖୁବ୍ ଭଲ ଲାଗିବ । ସୁନ୍ଦର ସବୁଜ ରଂଗରେ ବଗିଚାଟି ସବୁବେଳେ ମନଲୋଭା ଓ ସତେଜ ଦେଖାଯାଏ ।

●●●●



ଥର୍ମୋମିଟର

ଦିନେ ନିକିତା ସ୍କୁଲରୁ ଫେରିଲା । ମୁହଁ ନାଲି, ଆଖି ଦୁଇଟା ମୁଦି ହୋଇପଡୁଛି ।

ଘରେ ପହଞ୍ଚୁ ପହଞ୍ଚୁ ସେ ବୋଉଙ୍କୁ ଡାକ ଛାଡ଼ିଲା । ବୋଉ ଜାଣିପାରିଲେ ଯେ ନିକିତାକୁ ଜ୍ୱର ହେଇଛି । ସାଙ୍ଗେ ସାଙ୍ଗେ ଝିଅକୁ ଶୁଆଇ ପକାଇ ସେ ଚଦର ଘୋଡ଼େଇ ଦେଲେ । ଥର୍ମୋମିଟର ଆଣି ଜିଭ ତଳେ ଦେଇ ଦୁଇମିନିଟ୍ ଅପେକ୍ଷା କଲେ । ତା'ପରେ କାଢ଼ି ଦେଖିଲେ ଯେ

Digitized by srujanika@gmail.com

ନିକିତା ଦେହର ଉତ୍ତାପ ୧୦୪ ଡିଗ୍ରି ଫାରେନ୍‌ହିଟ୍। ହେ, ଭଗବାନ୍ ! ଡରିଗଲେ ନିକିତାର ମା'। ସଙ୍ଗେ ସଙ୍ଗେ ଡାକ୍ତର ଡକାହୋଇ ଆସିଲେ। ଚିକିତ୍ସା ଚାଲିଲା।

ତିନିଟା ଦିନରେ ନିକିତାର ଜ୍ୱର ଛାଡ଼ିଗଲା। ସେ ପୂର୍ବଭଳି ଖେଳାବୁଲା କଲା, ସ୍କୁଲ୍ ଗଲା । ଡାକ୍ତରାବାବୁଙ୍କୁ ନିକିତାର ମା' ଓ ବାପା ଧନ୍ୟବାଦ ଦେଲେ। ହେଲେ ମତେ ନା ନିକିତା ଧନ୍ୟବାଦ ଦେଲା ନା ତା' ବାପା ମା'। ଏପରିକି ଡାକ୍ତରବାବୁ ବି ମତେ 'ଥ୍ୟାଙ୍କ୍ ୟୁ' କହିଲେ ନାହିଁ।

ଏବେ ମୁଁ କିଏ ଜାଣିଲ ? ମୁଁ ହେଉଛି ଥର୍ମୋମିଟର୍। ଦେହର ଉତ୍ତାପ ମାପି ମୁଁ ଜଣେଇଦିଏ- ତୁମ ଦେହ ସୁସ୍ଥ ଅଛି ନା ଅସୁସ୍ଥ ଅଛି।

ଏଇଟା ସାଧାରଣ କଥା ଯେ ଜଣେ ମଣିଷ ଦେହର ସ୍ୱାଭାବିକ ଉତ୍ତାପ ହେଉଛି ପାଖାପାଖି ୯୮.୪ ଫାରେନ୍‌ହିଟ୍। ଏଥିରୁ ଅଧିକ ଉତ୍ତାପ ଦେହରେ ସୃଷ୍ଟି ହେଲେ ଜ୍ୱର ହୋଇଛି ବୋଲି ବୁଝାଯିବ। ଉତ୍ତାପ କମିଲେ ଶରୀର ସନ୍ନିପାତ ଆଡ଼କୁ ଯାଉଛି ବୋଲି ଗ୍ରହଣ କରିବାକୁ ପଡ଼ିବ। ତେବେ ଜିଭ ତଳର ସ୍ୱାଭାବିକ ଉତ୍ତାପ କାଖତଳର ଉତ୍ତାପଠାରୁ ଟିକେ ଅଧିକ ରହେ। ଏ କଥା ବି ଜାଣିବା ଦରକାର।

ମୁଁ ସେ ଦିନ ନିକିତା ଘରେ ଥିଲି ବୋଲି ସିନା ତା'ର ମା' ଜ୍ୱରର ଭୟାବହତା ଜାଣିପାରିଲେ ? ଡାକ୍ତର ସେଇ ଅନୁସାରେ ଔଷଧ ଦେଲେ ? ମୁଁ ଯଦି ନ ଥା'ନ୍ତି ?

ଆଜିକାଲିର ଡାକ୍ତରୀ ଚିକିତ୍ସାରେ ମୋର ଗୋଟାଏ ବଡ଼ ଆବଶ୍ୟକତା ଅଛି। ସେଥିପାଇଁ ମୋ ମନରେ ଅନେକ ଗର୍ବ ଓ ଆନନ୍ଦ।

ମୋର ପ୍ରଧାନ କାମ ହେଲା ଉତ୍ତାପ ମାପିବା। ଗ୍ରୀକ୍ ଶବ୍ଦ, 'ଥର୍ମୋସ୍'ର ଅର୍ଥ ହେଲା 'ଉତ୍ତାପ' ଓ ମିଟର ହେଲା 'ମାପିବା ଯନ୍ତ୍ର'।

Digitized by srujanika@gmail.com



ଅତଏବ ମୋ ନାମର ଅର୍ଥ ହେଲା 'ଉତ୍ତାପମାପିବା ଯନ୍ତ୍ର'। ମୋ ଦେହରେ ଦୁଇଟି ପ୍ରଧାନ ଅଂଶ ରହିଛି। ଗୋଟିଏ ଥର୍ମୋ-ସେନସର୍ ବା ଉତ୍ତାପ ଅନୁଭବ-କେନ୍ଦ୍ର ଏବଂ ଅନ୍ୟଟି ଉତ୍ତାପ ଅନୁଭବକୁ ନଳୀରେ ଥିବା ତରଳପଦାର୍ଥ ଦେଇ ସଂଖ୍ୟାରେ ଦେଖାଉଥିବା ମାପଦଣ୍ଡ। ତେଣୁ ମୋର ଚେହେରା ପ୍ରାୟତଃ ଗୋଟିଏ କାଠି ଭଳି। ଏହି ତରଳ ପଦାର୍ଥ କେତେବେଳେ ପାଣି ତ କେତେବେଳେ ପାରଦ, ପୁଣି କେତେବେଳେ ଆଲ୍‌କୋହଲ୍ ବା ମଦ।

ପ୍ରଥମେ ପାଣିକୁ ଆଧାର କରି ଗାଲିଲିଓ ମତେ ୧୫୯୩ରେ ଉଦ୍ଭାବନ କରିଥିଲେ। ତା'ପରେ ସାନ୍ତୋରିଓ-ସାନ୍ତୋରିଓ ୧୬୧୨ରେ ସଂଖ୍ୟା ଦେଇ ମତେ ଗଢ଼ିଲେ ଓ ଦେଖେଇଦେଲେ ଯେ ଉତ୍ତାପକୁ ସଂଖ୍ୟାରେ ମାପିହେବ। କିନ୍ତୁ ଡାନିଏଲ୍ ଗ୍ରାବିଏଲ୍ ଫାରେନ୍‌ହିଟ୍ ୧୭୦୯ରେ ପ୍ରଥମେ

Digitized by srujanika@gmail.com

ଆଲ୍‌କୋହଲ୍ ଦେଇ ଓ ୧୭୧୪ରେ ପାରଦ ଦେଇ ମତେ ତିଆରି କଲେ। ୧୭୨୪ ବେଳକୁ ମୁଁ ଆଧୁନିକ ରୂପ ନେଇ ବିଶ୍ୱବାସୀଙ୍କ ଆଗରେ ଠିଆ ହୋଇଗଲି। ଶେଷକୁ ୧୮୪୮ରେ ଲର୍ଡ କେଲ୍‌ଭିନ୍ ମତେ ଏପରି ତିଆରି କଲେ ଯେ ମୁଁ ଉତ୍ତାପର ଶେଷ ସୀମା ଓ ଥଣ୍ଡାର ଶେଷ ସୀମା ବି ମାପି ଦେଇପାରିଲି।

ହେଲେ ସାଧାରଣ ବ୍ୟବହାର ପାଇଁ ମୋର ଏ ରୂପ ଫାରେନ୍‌ହିଟ୍‌ଙ୍କ ପାଖରେ ସବୁଦିନେ ଋଣୀ ରହିବ।

ସେ ଯାହାହେଉ ଜ୍ୱର ହେଲେ ତୁମେମାନେ କିନ୍ତୁ ମତେ ଡାକିବାକୁ ମୋଟେ ଭୁଲିବନାହିଁ। ଆଜିକାଲି ମୋର ଏକ ଡିଜିଟାଲ୍ ରୂପ ବି ମିଳିଲାଣି।

●●●●

Digitized by srujanika@gmail.com

ବୋଇତି କଖାରୁ

ଦିନେ ଶିକ୍ଷକ ପିଲାମାନଙ୍କୁ ପଚାରିଲେ- ‘‘କହିଲ ଦେଖି, କେଉଁ ଲତାର ପତ୍ର, ଫୁଲ, ଫଳ, କାଣ୍ଡ ଆମେ ରାନ୍ଧିକରି ଖାଉ? ଅନ୍ୟ ପିଲାମାନେ କ’ଣ କହିବେ ବୋଲି ଭାବୁଥିଲା ବେଳେ ବବ୍‌ଲି ଚଟ୍ କରି କହିଦେଲା ମୋ ନାଆଁଟି। ସାର୍ ଖୁସି ହୋଇଗଲେ। ବବ୍‌ଲି ସାବାସି ପାଇଲା।

Digitized by srujanika@gmail.com

ତେବେ ମୋ ବିଷୟରେ ଆଉ ଟିକେ ଅଧିକ କହିବାକୁ ଯାଇ ସାର୍ କହିଲେ, ''ଓଡ଼ିଶାରେ ତିନି ପ୍ରକାରର କଖାରୁ ମିଳେ । ବୋଇତି କଖାରୁ, ପାଣି କଖାରୁ ଓ ଭୂଇଁ କଖାରୁ । ଭୂଇଁ କଖାରୁ ବଣୁଆ ଓ ଛୋଟ ଆକୃତିର । ଆଜିକାଲି ତାହା ପ୍ରାୟ ଦେଖିବାକୁ ମିଳୁନାହିଁ । ପାଣି କଖାରୁ, ବଡ଼ି ତିଆରି ପାଇଁ ନିହାତି ଦରକାର । ପୁଣି ଶାକର ଖଟା କରିବା ପାଇଁ ପାଣି କଖାରୁ ଭଳି ଉପଯୋଗୀ ଫଳ ଆଉ ନାହିଁ । ଓଡ଼ିଶାରେ ଦୁତିଆ ଓଷା ସମୟରେ ଯେଉଁ ଘାଣ୍ଟ ତରକାରି ହୁଏ, ସେଥିରେ ଗୋଟାଏ ବଡ଼ ଯୋଗଦାନ ଥାଏ ପାଣି କଖାରୁର । ବାପ୍‌ରେ ବାପ୍, ବଜାରରେ ସେତେବେଳେ ତା'ର ଚାହିଦା ହଠାତ୍ ବଢ଼ିଯାଏ ।''

ଶେଷରେ ଶିକ୍ଷକ ପୁଣି ପଚାରିଦେଲେ । '' ଆଚ୍ଛା କହ ଭିତରଟା ପାଣିପାଣିଆ ବୋଲି ତା' ନାମ ପାଣି କଖାରୁ । କେବଳ ଭୂଇଁରେ ଫଳେ ବୋଲି ତା'ର ନାମ ଭୂଇଁ କଖାରୁ । ବୋଇତି କଖାରୁ ମାଟି ଉପରେ ଫଳେ ପୁଣି ମଞ୍ଚା କିମ୍ବା ଚାଳରେ ବି ଫଳେ, ତେବେ ତା'ର ନାମ ଏପରି କାହିଁକି ହୋଇଛି?''

ଏତିକିରେ ସାରା ଶ୍ରେଣୀର ପିଲାମାନଙ୍କର ଅକଲ ଗୁଡୁମ୍ । ସେଇଠୁ ସାର୍ ବୁଝେଇଦେଲେ ଯେ ଅତୀତରେ ଓଡ଼ିଆ ସାଧବମାନେ ବୋଇତରେ ଦୂର ଜାଗାକୁ ଗଲାବେଳେ ପରିବା ହିସାବରେ ମତେ ନେଇଯାଉଥିଲେ । ସେଇଥି ପାଇଁ ମୋର ନାମ ବୋଇତ କଖାରୁ ବା ବୋଇତି କଖାରୁ । ମୁଁ ଯଦି ଠିକ୍ ଭାବରେ ପାକଳ ହୋଇ ସାଇତା ହୋଇଥିବି ତେବେ ଯେ କୌଣସି କଞ୍ଚା ପରିବା ଠାରୁ ଅଧିକ ଦିନ ସାଇତା ହୋଇ ରହିପାରିବି । ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ ଯେ ଶିକାରେ ଓହଳାଇ ଠିକ୍ ଭାବରେ ରଖିଲେ ମୁଁ ବର୍ଷେ କାଳ ନଷ୍ଟ ନ ହୋଇ ରହିପାରେ ।

Digitized by srujanika@gmail.com

ଓଡ଼ିଆମାନଙ୍କର ଅତୀତ ଗୌରବ ସହିତ ମୋ ନାମ ଯୋଡ଼ା ହୋଇଛି ବୋଲି ମୋ ମନରେ ବେଶ୍ ଗର୍ବ । କେହି କେହି ମତେ ବୋଇତାଳୁ ବୋଲି ମଧ୍ୟ କହନ୍ତି ।

ଗବେଷକମାନେ କହୁଛନ୍ତି ମୁଁ କୁଆଡ଼େ ଉତ୍ତର ଆମେରିକାର ଫଳ । ମାତ୍ର ମୁଁ ଜାଣେ ମୋ ଚେର ଏଠି କୋଉ କାଳରୁ ଲାଗିଛି । ହାଲୋଇନ୍ ପର୍ବ ପାଳନ ବେଳେ ମୋ ପେଟ ଭିତରେ ମହମବତି ଜାଳି, ଦେହକୁ କାଟି ନାନା ବିକୃତିଆ ମୁହଁ ବନେଇ ଇଉରୋପ୍‌ର ଲୋକେ ଉତ୍ସବ ପାଳନ କରନ୍ତି । ଏବେ ମୁଁ ପ୍ରାୟ ସବୁ ଦେଶରେ ମିଳୁଛି । ଅଧିକାଂଶରେ ମୋ ରଙ୍ଗ ହଳଦିଆ ଓ ଭିତର ଗଣ୍ଠି-ହଳଦୀ-ନାଲି । ମୋ ଗଛର ପତ୍ର ହାତୀ କାନ ପରି ବଡ଼ ଓ ଫୁଲ ଦୁଦୁରା ଫୁଲକୁ ପଛରେ ପକାଇଦେବ । ଛତୁ କି ଛୋଟ ମାଛ ଠୁକ୍‌ଠୁକା ପତରପୋଡ଼ା ପାଇଁ ମୋ ପତ୍ରକୁ ଲୋକ ଖୋଜିଲୋଡ଼ି ନିଅନ୍ତି । କରି ଜାଣିଲେ ପତରପୋଡ଼ାର ସୁଆଦ ପାଟିରୁ ଛାଡ଼ିବନି । ଦେହ ତନ୍ତୁଭରା ହୋଇଥିବାରୁ ମୁଁ ଏକ ଉପଯୋଗୀ ପରିବା-ଫଳର ମାନ୍ୟତା ପାଇଛି ।

●●●●

Digitized by srujanika@gmail.com



ଶଗଡ଼

ଚମକିବାର କିଛି ନାହିଁ । ସହରିଆ ପିଲା ଭାବୁଥିବେ ମୋର ପୁଣି ଗୋଟେ କ'ଣ କହିବାର ଅଛି ? ମୁଁ ତ ମଫସଲିଆ । ଦେହ ମୁଣ୍ଡ ଧୂଳି । ପୁରୁଣାକାଳିଆ ଚେହେରା । ସ୍ୱର ପୁଣି ସେଇ କେଁ କଟର, କେଁ କଟର ।

ମାତ୍ର ଅସଲ କଥା ହେଉଛି ଏବେ ବି ମୁଁ ଗାଁ ଗହଳରୁ ଆରମ୍ଭ କରି ସହରରେ ଏକ ଦରକାରୀ ପରିବହନ ଯାନ ହୋଇ ରହିଛି । ବିଶେଷକରି

Digitized by srujanika@gmail.com

ଓଡ଼ିଶାର ଗାଁ ଗହଳରେ ମୋର ପ୍ରାଧାନ୍ୟ ଅକ୍ଷୁଣ୍ଣ ଅଛି । ପାଖ ଗାଆଁକୁ, ସହରକୁ ଜନିଷ ବୋହିବାରେ ମୋର ଭୂମିକା ଅପରିବର୍ତ୍ତିତ । ଟ୍ରାକ୍‌ଟର କୁହ, ଟ୍ରଲି କୁହ, ମିନିଟ୍ରକ୍ କୁହ କି ଆଉ ଯାହା କହ, ସବୁ ମୋ ତଳେ । ସେ ସବୁ ଚାଲିବା ପାଇଁ ସମତଳ ରାସ୍ତା ଦରକାର, ହେଲେ ମୁଁ ? ମୁଁ ପରା ହିଡ଼ ଗଡ଼ି ଡେଇଁ ଜିନିଷ ବୁହେ ?

ଅବଶ୍ୟ ବାହା ହୋଇ ବରକନିଆ ମୋ ଉପରେ ବସି ଯାଉନାହାନ୍ତି ଆଉ । ଦିନ ଥିଲା, ସଜେଇ ମଜଇେ ମୋ ଦେହରେ ଯୋଚା ହୋଇଥିବା ବଳଦଙ୍କ ବେକରେ ଘଣ୍ଟି ଘାଗୁଡ଼ି ଓ ପାଟଫୁଲି ବାନ୍ଧି ମତେ ସ୍ୱାଗତ କରାଯାଉଥିଲା । ଦିନ ବଦଳୁଚି । ମାତ୍ର ମୁଁ ଯେମିତିକୁ ସେମିତି ଅଛି ।

ଅବଶ୍ୟ ମୋର ବି କିଛି ପ୍ରକାର ଭେଦ ଅଛି । କେଉଁଠି ଛୋଟ ଚକ ତ କେଉଁଠି ବଡ଼ ଚକ । କେଉଁଠି ମତେ ଗୋଟେ ବଳଦ କି ପୋଢୁଅ ଭିଡ଼େ ତ କେଉଁଠି ହଳେ ବଳଦ ନ ହେଲେ ହଳେ ପୋଢୁଅ ଭିଡ଼ନ୍ତି । କୋଉଠି କୋଉଠି ଷଣ୍ଢଟାଏ ବି ଯୋଚି ଦିଅନ୍ତି ମୋ ଦେହରେ । କି ହିନସ୍ତା ସତରେ !

ମୋ ଦେହର ଯନ୍ତ୍ରପାତି ବିଷୟରେ ଗାଁ ପିଲାଏ ବି ଅନେକ ଜାଣି ନ ଥାନ୍ତି । ଚକ, ଅଖ, ଅର, ପହି, ଅନିକିଳି, ତୁମ୍ବ, ଦଣ୍ଡା, ଯୋତ, ଝୁରାଡ଼ିହ, ଫଳି, ଟିପେଇ, ବଉଳି, କାଣ୍ଟିଘଡ଼ି, ନାଲ, ଚାଅଁରା, ଓଦର ଆଦି କେତେ ନା କେତେ ସରଂଜାମ ଯୋଡ଼ାହୋଇଛି ମୋ ଦେହରେ ।

ଏକବିଂଶ ଶତାବ୍ଦୀକୁ ବିଜ୍ଞାନର ଯୁଗ କୁହାଯାଉଛି । କାଲିର ଜିନିଷ ଆଜି ବଦଳିଯାଉଛି । ଗାଉଣା ବାଜଣା ଯନ୍ତ୍ରପାତିଠାରୁ ଆରମ୍ଭ କରି ବାସନକୁସନ, ଘରଦୁଆର ସବୁଠାରେ ପରିବର୍ତ୍ତନର ଛବି । ହେଲେ ମୋର ?

Digitized by srujanika@gmail.com

କେଁ କଟର, କେଁ କଟର।

ବଡ଼ ବଡ଼ ରାଜରାସ୍ତାରେ ମୋ ପାଖ ଦେଇ ନୂଆ ନୂଆ ସୌଖୀନ ଚାରିଚକିଆ କି ଦୁଇଚକିଆ ଗାଡ଼ି ଚାଲିଗଲାବେଳେ ମତେ ବଡ଼ ଲାଜ ମାଡ଼େ। ମୋ ଦେହକୁ ନେଇ କାହିଁ କେହି ତ ଗବେଷଣା କରୁନି ? ଚକରେ ରବର ନାଲ କି ତୁମ୍ବରେ ଗ୍ରିଜ୍ ଦିଆ ବଲ୍‌ବିଅରିଂ ଅଖ ଦେଲେ ମତେ ଟିକେ ଆରାମ ମିଳନ୍ତାନି ?

●●●●



Digitized by srujanika@gmail.com

ଲୁଣ

ମୋ ନାଆଁ ଶୁଣି କେହି କେହି ଭାବୁଥିବେ ଯେ ମୋ ବିଷୟରେ ସବୁକଥା ଜାଣିଛନ୍ତି । ହେଲେ ମୋ ସୁଆଦ ଛଡ଼ା ଆଉ କ'ଣ ବା ସେମାନେ ଜାଣିଛନ୍ତି ? ମତେ କେହି କହେ 'ଖାଇବା ଲୁଣ', କିଏ 'ଟେବୁଲ୍ ଲୁଣ' ନ ହେଲେ କିଏ କହେ ଖାଲି ଲୁଣ । ବୈଜ୍ଞାନିକମାନଙ୍କ ଭାଷାରେ ମୋର ନାମ ସୋଡିଅମ୍ କ୍ଲୋରାଇଡ୍ । ପ୍ରାଣୀଜଗତ ପାଇଁ ମୁଁ ଏକ ଅତ୍ୟନ୍ତ ଦରକାରୀ ପଦାର୍ଥ, ମାତ୍ର ମୋତେ ଅଧିକ ଖାଇଲେ ବିପଦ ଅଛି ।

ଖାଦ୍ୟ ପଦାର୍ଥକୁ ପାଗ କରିବା ପାଇଁ ଓ ଅଧିକ ସମୟ ସୁରକ୍ଷିତ କରି ରଖିବା ପାଇଁ ମତେ ବ୍ୟବହାର କରାଯାଇଥାଏ । ତେବେ ମଣିଷମାନଙ୍କର ବ୍ୟବହାର ପାଇଁ ସାଧାରଣତଃ ସମୁଦ୍ର ଜଳରୁ ତିଆରି କରାଯାଇଥାଏ । ମତେ ଗାଁ ଗହଳରେ 'ପଗଡ଼ ଲୁଣ' ବୋଲି କହନ୍ତି । ମାତ୍ର ମତେ ଚୂରି

Digitized by srujanika@gmail.com

ଅତି ସରୁସରୁ ଦାନା କରିଦେଇ 'ଟେବୁଲ୍ ଲୁଣ' ରୂପେ ବ୍ୟବହାର କରାଯାଏ । ଏକ ପ୍ରକାରର ଖନିଜ ଶିଳାରୁ ମୋର ପ୍ରସ୍ତୁତିକୁ ସୈନ୍ଧବ ଲୁଣ କୁହାଯାଏ । ଏହାର ରଙ୍ଗ ମାଟିଆ ଓ ଏହା ଖନିଜ ଗନ୍ଧଯୁକ୍ତ । ମାତ୍ର ସାଧାରଣ ଲୁଣ ବା ଖାଇବା ଲୁଣ ଧଳା ଓ ସ୍ଫଟିକ ପରି ଦାନା-ବିଶିଷ୍ଟ । ଆଜିକାଲି ମୋ ଦେହରେ ଆୟୋଡିନ୍ ଯୁକ୍ତ କରି ମଣିଷମାନଙ୍କର ସ୍ୱାସ୍ଥ୍ୟ ଲାଗି ବ୍ୟବହାର କରାଯାଉଛି ।

ଖାଦ୍ୟପଦାର୍ଥକୁ ମୁଁ ସୁଆଦିଆ କରିଥାଏ । ବହୁ ଅତୀତକାଳରୁ ମଣିଷ ସମାଜରେ ମୋର ପ୍ରଚଳନ ଅଛି । ଦରମାକୁ ଇଂରେଜୀରେ କୁହାଯାଏ ସାଲାରି । ଏହା ଲୁଣର ଇଂରେଜୀ ଶବ୍ଦ 'ସଲ୍ଟ'ରୁ ଆସିଛି । ଅତୀତରେ ଲୁଣକୁ ମୂଲ ଆକାରରେ ଦିଆଯାଉଥିଲା ବୋଲି କେହି କେହି ଦାବି କରନ୍ତି । ସେମିତି ବିଭିନ୍ନ କଞ୍ଚାଖିଆ ପନିପରିବାକୁ ଏକାଠି କରି ପ୍ରସ୍ତୁତ ହେଉଥିବା ବ୍ୟଞ୍ଜନକୁ କୁହାଯାଏ 'ସାଲାଡ୍' । ଏହା ମଧ୍ୟ 'ସଲ୍ଟେଡ୍' ବା 'ଲୁଣିଆ' ଶବ୍ଦରୁ ଆସିଛି ।

ପୌରାଣିକ ବର୍ଣ୍ଣନାରେ ସମୁଦ୍ର ମନ୍ଥନରୁ ଯେଉଁ ଅମୃତ ମିଳିଥିଲା ସେ ଜିନିଷଟି ମୁଁ ବୋଲି କେତେକ ମଧ୍ୟ ଯୁକ୍ତି କରନ୍ତି ।

ଭାରତର ସମୁଦ୍ର ଉପକୂଳ ବେଶ୍ ଲମ୍ବା, ତେଣୁ ମୁଁ ସହଜରେ ମିଳେ । କିନ୍ତୁ ଇଂରେଜ ସରକାର ମୋ ଉପରେ କର ବସେଇ ଭାରତୀୟଙ୍କୁ ବଡ଼ ହଇରାଣ କରୁଥିଲେ । ସେଥିପାଇଁ ଗାନ୍ଧିଜୀ ବାଧ୍ୟ ହୋଇ ମୋ ନାଆଁରେ ସତ୍ୟାଗ୍ରହ କରିଥିଲେ । ଏ ସଫଳ ଆନ୍ଦୋଳନଟି ଲବଣ ଆନ୍ଦୋଳନ ବା ଦାଣ୍ଡିଯାତ୍ରା ଭାବରେ ଜଣାଶୁଣା ।

●●●●

Digitized by srujanika@gmail.com

ଚକୋଲେଟ୍

ମତେ ଭଲ ନ ପାଉଥିବା ପିଲା କିଏ କେଉଁଠି ଥିବ ବୋଲି ମୋର ବିଶ୍ୱାସ ହେଉନି । ଯିଏ ନ ଖାଇଚି ନାହିଁ, ମାତ୍ର ଯିଏ ଥରେ ଚାଖିଚି ସେ ମୋର ବାସ୍‌ନା ଓ ସୁଆଦ ଭୁଲିପାରିବନି । ଏମିତି ଦେଶ ନାହିଁ, ମୁଁ ଯେଉଁଠି ନ ମିଳେ ।

ଅନେକେ ଜାଣି ନ ଥିବେ ଯେ ମୋର ସ୍ୱାଦ ପ୍ରକୃତରେ ପିତା । ମୁଁ କୋକୋ ଗଛର ଫଳରୁ ତିଆରି । କୋକୋ ଫଳକୁ ଆଣି ସଫାକରି, ସିଝେଇ, ଭାଜି, ଚୋପା ଛଡ଼େଇ ସେଇ ଶସକୁ ଗୁଣ୍ଡ କଲେ ମୁଁ ବାହାରେ ।

Digitized by srujanika@gmail.com

ହେଲେ ପୁଣି ମତେ ଖଣ୍ଡ ନ ହେଲେ ଲୁହଣି କରି ପ୍ରସ୍ତୁତ କରାଯାଏ । ପରବର୍ତ୍ତୀ ସମୟରେ ସେଥିରେ ମିଠା, କ୍ଷୀର ଓ ଅନ୍ୟାନ୍ୟ ସ୍ନେହସାର ମିଶେଇ ସୁସ୍ୱାଦୁ କରାଯାଏ । ମିଠା ମିଶାଯାଉଥିବାରୁ ମୋର ପିତା ଅଂଶ ଜଣାପଡ଼େ ନାହିଁ । ତେବେ କେହି କେହି ପିତା ସ୍ୱାଦକୁ ମଧ୍ୟ ବେଶ୍ ଉପଭୋଗ କରନ୍ତି । ମୋର ରଙ୍ଗ ଗାଢ଼ ଖଇରିଆ । କିନ୍ତୁ ଧଳା ଚକୋଲେଟ୍ ତିଆରି କରିବାଲାଗି ମତେ ଲହୁଣି ଆକାରରେ କ୍ଷୀର ଓ ଚିନି ସହିତ ମିଶାଇ ତିଆରି କରାଯାଏ ।

ମେକ୍ସିକୋ ଓ ଦକ୍ଷିଣ ଆମେରିକା ଭଳି ଅଞ୍ଚଳରେ ମୋର ବ୍ୟବହାର ଖ୍ରୀଷ୍ଟପୂର୍ବ ୧ ୧୦୦ରୁ ହେଲାଣି । ଖଣ୍ଡ କୋକୋ ଖାଇଲେ ରକ୍ତଚାପ କମେ ବୋଲି ଗବେଷଣାରୁ ଜଣାପଡ଼ିଛି । ମାତ୍ର କୋକୋରୁ ପ୍ରସ୍ତୁତ ମୋରମିଠା-ରୂପ ସାରା ଜଗତକୁ ଆକୃଷ୍ଟ କରିଛି । ମେଳା ମଉଛବରୁ ଆରମ୍ଭ କରି ଖୁସିର ଦିନଗୁଡ଼ିକରେ ଉପହାର ଦେଲା ଭଳି ମୋ ଠାରୁ ଅଧିକ ପ୍ରିୟ ପଦାର୍ଥ ଆଉ କ'ଣ ଅଛି ?

ଇଉରୋପ ମହାଦେଶରେ ମତେ ମିଠା କରି ଦିଆଗଲା, ନଚେତ୍ ମେକ୍ସିକୋ ଓ ଦକ୍ଷିଣ ଆମେରିକାରେ ପ୍ରାଚୀନ କାଳରେ ସେଇ ପିତା ସ୍ୱାଦ ଧରି ମୁଁ ବ୍ୟବହୃତ ହେଉଥିଲି । ବିଲାତର ଜନ୍ କାଡ୍‌ବରି ମତେ ଲମ୍ବାଳିଆ ଖଣ୍ଡ କରି ପ୍ରସ୍ତୁତ କଲେ ଓ ସର୍ବଜନାଦୃତ କରିଦେଲେ । ମୋର ଅନେକ ଗୁଣ ଭିତରୁ, ପିଲାମାନଙ୍କର ବୁଦ୍ଧି ବଢ଼ାଇବାରେ ମୁଁ ସହାୟକ ବୋଲି ଏବେ କୁହାଗଲାଣି । ତେବେ ମୋ ନାମକୁ ଯୋଡ଼ି ଯେଉଁମାନେ ଖାଲି ମିଠା ଚିନିର ଖଣ୍ଡକୁ ଚକୋଲେଟ୍ ବୋଲି କହୁଛନ୍ତି, ସେମାନଙ୍କ ପ୍ରତି ସାବଧାନ ରହିବା ଦରକାର ।

••••

Digitized by srujanika@gmail.com

ବେଲୁନ୍

ମୁଁ ଯେମିତି ଜଣାଶୁଣା, ମତେ ଯେ ବିକେ ସେ ଆହୁରି ଅଧିକ ଜଣାଶୁଣା ହୋଇଯାଏ । ପିଲାଏ ଡାକ ଛାଡ଼ନ୍ତି- ''ଏ ବେଲୁନ୍‌ବାଲା ଭାଇ, ବେଲୁନ୍ ଦେଇ ଯା' । '' ସମସ୍ତେ ଡାକନ୍ତି ବେଲୁନ୍‌ବାଲା । କିଏ ପୁଣି ଗୀତ ଗାଏ- ''ଲା' ଲା' ଲା', ବେଲୁନ୍‌ବାଲା । ''

ମୁଁ ବଜାରରେ କେତେ ରଙ୍ଗରେ ମିଳେ, କେତେ ପ୍ରକାରର ବି ମିଳେ । ଗୋଲ, ଲମ୍ବାଳିଆ, ସାପ ଭଳି ମୋଡ଼ାମୋଡ଼ା ପୁଣି କିଏ ନାଲିପାନ ଭଳି

Digitized by srujanika@gmail.com

ତ ଆଉ କିଏ କେଉଁ ଖେଳନା ଭଳି । ତେବେ ମୋର ସାଧାରଣ ଆକୃତି ପ୍ରାୟ ଟିକେ ଲମ୍ବାଳିଆ । ଯେତେବେଳେ ଫାଟେ ମୋର 'ଢୋ' ଶବ୍ଦରେ ଅନେକ ପିଲା ଚମକି ପଡ଼ନ୍ତି । ସବୁଠୁ ମଜା ହୁଏ ଫୁଙ୍କୁ ଫୁଙ୍କୁ ମୁଁ ଯେତେବେଳେ 'ଢୋ' କିନା ଫାଟେ । ଫୁଙ୍କୁଥିବା ପିଲା ଭାବୁଥାଏ ମୁଁ ଆହୁରି ବଡ଼ ଦିଶିବି, ଆହୁରି ଆହୁରି । ଲୋଭରେ ପଡ଼ି ସେ ଫୁଙ୍କେ । ମାତ୍ର ଯେତେବେଳେ ଫାଟେ ତା' ମୁହଁଟି ଫୁସ୍‌କି ଯାଏ । ଆଉ ଗୋଟିଏ ମଜା କଥା ହେଉଛି, ମୁଁ ଫୁଙ୍କା ହୋଇଥିବା ଅବସ୍ଥାରେ ଅନେକ ଦିନ ରହିଗଲେ ଆପେ ଫୁସ୍‌କି ଯାଏ । କାରଣ ପବନକୁ ନିବୁଜ କରିବା ସହଜ କଥା ନୁହେଁ ।

ପିଲାଏ ତ ମତେ ନେଇ ଖେଳନ୍ତି, ତେବେ ବାହା, ବ୍ରତ, ଜନ୍ମଦିନ ଆଦି ଉତ୍ସବ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନମାନଙ୍କରେ ସଜାସଜି ପାଇଁ ମତେ ବ୍ୟବହାର କରାଯାଏ । ମୋତେ ନେଇ ମଡେଲିଂ ଠାରୁ ଆରମ୍ଭ କରି ବିଜ୍ଞାପନ ଜାରି କରିବା ଓ ଭିନ୍ନଭିନ୍ନ ଆକୃତିରେ ଗଢ଼ି ଖେଳ ଖେଳିବା ସହ ଆକାଶରେ ଉଡ଼ିବା କାମ ମଧ୍ୟ କରାଯାଏ ।

ଏମିତିରେ ପିଲାମାନେ ମୋ ପେଟରେ ନିଜ ପାଟିର ପବନ ପୂରାଇ ସିନା ଫୁଙ୍କନ୍ତି କିନ୍ତୁ ହିଲିଅମ୍, ହାଇଡ୍ରୋଜେନ୍, ନାଇଟ୍ରସ୍ ଅକ୍ସାଇଡ୍ ଓ ଅମ୍ଳଜାନ ଭିତରେ ଭରି ମୋତେ ଅନେକ କାମରେ ଉପଯୋଗ କରାଯାଏ । ମୁଁ କ'ଣ କେବଳ ରବର୍‌ରେ ଗଢ଼ା ହୁଏ କି ? ରବର୍ ଛଡ଼ା ଲାଟେକ୍ସ, ପୋଲିକ୍ଲୋପ୍ରିନ୍ ଓ ନାଇଲନ୍ ଭଳି ବିଭିନ୍ନ ନମନୀୟ ପଦାର୍ଥରେ ମୁଁ ତିଆରି ହୋଇଥାଏ । ଗୋଟିଏ ଗ୍ୟାସ୍ ବେଲୁନ୍ ତିଆରି କରି ୧ ଡିସେମ୍ବର ୧୭୮୩ରେ ପ୍ରଫେସର୍ ଜ୍ୟାକ୍ ଚାର୍ଲ୍‌ସ ପ୍ରଥମେ ଆକାଶରେ ଉଡ଼ି ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ । ସେଇ ଭଳି ଆଉ ଗୋଟିଏ ମନେ

Digitized by srujanika@gmail.com

ରଖିବା ଭଳି କଥା ହେଉଛି, ଆଜିକାଲି ବଜାରରେ ମିଳୁଥିବା ପିଲାମାନଙ୍କ ପ୍ରିୟ ମୋର ରବର ରୂପର ଆବିଷ୍କାରକ ଥିଲେ ମାଇକେଲ୍ ଫାରାଡେ; ତାହା ହେଉଛି ୧୮୨୪ ମସିହାର କଥା ।

ଜାଣିଛ ତ ମୁଁ କେମିତି ହୃଦ୍‌ରୋଗର ଚିକିତ୍ସା ପାଇଁ ବି ଲାଗେ ? ଯେଉଁଠି ଧମନି ଚିପି ହୋଇ, ସେଠାରେ କିଛି ଚର୍ବି ଜମି, ରକ୍ତ ଯିବା ଆସିବାରେ ଅସୁବିଧା ହେଉଥାଏ, ଆଞ୍ଜିଓପ୍ଲାଷ୍ଟ୍ କରି ସେ ସ୍ଥାନକୁ ମତେ ଖୁବ୍ ଛୋଟ କରି ପଠେଇ ଦିଆହୁଏ । ମୁଁ ସେଠି ପହଞ୍ଚି ବାଟ ଫିଟେଇବାରେ ସାହାଯ୍ୟ କରେ ।

ତା'ର ଅର୍ଥ ମୁଁ କେବଳ ଖେଳନା ନୁହେଁ । ତାହା ଠାରୁ ଅଧିକ ଆହୁରି ଅନେକ କିଛି । ଏପରିକି ମୁଁ ଏକ ପ୍ରକାରର ଔଷଧ ଭଳି ବି କାମ କରେ ।

Digitized by srujanika@gmail.com

ଆମ୍ବୁଲ

ଓଡ଼ିଆରେ ଗୋଟେ କଥା ଅଛି-"ଯେଉଁ ବର୍ଷ ଭଲ ଧାନ ଅମଳ ହୁଏ, ସେ ବର୍ଷ ଭଲ ଆମ୍ବ ହୁଏ ନାହିଁ।" ହୋଇପାରେ ଧାନ ପାଇଁ ପ୍ରଚୁର ଖରା ସାଙ୍ଗକୁ ନିୟମିତ ବ୍ୟବଧାନରେ ପ୍ରଚୁର ବର୍ଷା ଦରକାର। ଏବଂ ଆମ୍ବ ଗଛରେ ଆମ୍ବ ଫଳିବା ପାଇଁ ଅତି ବେଶି ବର୍ଷା ଦରକାର ନାହିଁ। କିନ୍ତୁ ସେ କଥା ଠିକ୍ କରି କେହି ବୁଝାଇ କହିନାହାନ୍ତି।

Digitized by srujanika@gmail.com

ମୁଁ ଏ କଥା କାହିଁକି କହୁଛି ବୁଝିପାରୁଛ ତ? ମାନେ, ଧାନ ଫସଲ ଭଳି ଆମ୍ବ ଫସଲକୁ ଓଡ଼ିଆମାନେ କେଉଁ ଆଦିମକାଳରୁ ପ୍ରାଧାନ୍ୟ ଦେଇ ଆସିଛନ୍ତି । କାରଣ ଆମ୍ବ କେବଳ ଫଳମାନଙ୍କ ଭିତରେ ରାଜା ନୁହେଁ, ଆମ୍ବ ପୁଣି ଯୋଗେଇ ଦିଏ ସାରା ବର୍ଷ ପାଇଁ ଏକପ୍ରକାରର ବ୍ୟଞ୍ଜନ-ସାମଗ୍ରୀ, ଯାହା ପଖାଳ କ'ଣ, ତବତ ପାଇଁ ବି ଖୁବ୍ ଉପଯୋଗୀ । ସେଇ ବ୍ୟଞ୍ଜନ-ସାମଗ୍ରୀ ହେଉଛି ମୁଁ- ଆମ୍ବୁଲ । ମାଛରୁ ଯେମିତି 'ଶୁଖୁଆ', ଆମ୍ବରୁ ସେମିତି ମୁଁ 'ଆମ୍ବୁଲ' ।

ମୁଁ ଓଡ଼ିଶାର ପ୍ରିୟ ଖାଦ୍ୟ ପଖାଳ ସଙ୍ଗକୁ ଜଣେ ପ୍ରଧାନ ସହଯୋଗୀ ଭାବରେ ସ୍ୱୀକୃତ । ଆଜି ଅବଶ୍ୟ ସମୟ ବଦଳିଛି । କାରଖାନାରେ ଟନ୍ ଟନ୍ ଆଚାର ତିଆରି ହୋଇପାରୁଛି, କିନ୍ତୁ ଦିନ ଥିଲା ଆଚାର ପ୍ରସ୍ତୁତି ଥିଲା ସମ୍ଭ୍ରାନ୍ତ ଓଡ଼ିଆ ଘର ଝିଅ ବୋହୂଙ୍କର ଗୃହିଣୀପଣିଆର ପରୀକ୍ଷା ଖାତା । ଯେ ସେଥିରେ ଭଲ ନମ୍ବର ରଖୁଥିଲା, ତା'ର ଭାରି ନାଁ ହେଉଥିଲା । ମୁଁ କିନ୍ତୁ ସର୍ବସାଧାରଣଙ୍କର । ଯେତେ ଗରିବଟିଏ ହେଲେ ବି ମୁଁ ତା'ଘରୁ ମିଳୁଥିଲି ।

ଦିନେ ଓଡ଼ିଶା ସାରା ଥିଲା ଆମ୍ବଗଛର ଭିଡ଼ । କଷି, କଞ୍ଚା, ପୋକଡ଼ା କି କୋଇଲିମାଡ଼ୁଆ ଯାହା ଗୋଟେଇ ଆଣି ତାକୁ କାଟି ଚୋପା ଛଡ଼େଇ ଲୁଣ ଦେଇ ଶୁଖେଇଦେଲେ ଦିନ କେଇଟାରେ ମୁଁ ତିଆରି ହୋଇଯାଏ । ବାସ୍ ତା'ପରେ ମତେ ବର୍ଷ ବର୍ଷ ସାଇତି ରଖାଯାଇପାରେ ।

କରିବାକୁ ସହଜ, ରଖିବାକୁ ସହଜ, ତେଣୁ କି ଗରିବ କି ଧନୀ, ମୁଁ ସମସ୍ତଙ୍କ ପାଖରେ ସହଜରେ ମିଳେ । ଖାସ୍ ଗରିବ ମିହନତି ମଣିଷଙ୍କର ମୁଁ ଅତିପ୍ରିୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମୋର ପ୍ରକାର ଭେଦ ପ୍ରଧାନତଃ ଦୁଇପ୍ରକାର-'କଷି ଆମ୍ବୁଲ' ଓ

Digitized by srujanika@gmail.com

'ଠାକରା ଆମ୍ବୁଲ' ବା ଫଡ଼ା ଆମ୍ବୁଲ। ଲୁଣପାଣି ପାଗରେ ଖଣ୍ଡେ କଷି ଆମ୍ବୁଲ ପଡ଼ିଥିଲେ କଂସାଏ ପଖାଳ ଉଠିଯାଏ ମାତ୍ର କେଇଟା ଗୁଣ୍ଡାରେ। ସେମିତି ମୋର ଠାକରା ରୂପ ତା'ର ରଜାପଣ ଦେଖାଏ ଆମ୍ବିଳରେ। ବୁଡ଼ା ଡଙ୍ଗା ପରି ସେ ଥିବ ଆମ୍ବିଳର ଝୋଳ ଭିତରେ। ଖାଇବା ଆରମ୍ଭ କଲେ ମନ ହେବ ଖାଇବା ସରିଥିଲେ ବି ମତେ ଯେମିତି ଖାଇବାବାଲାଟି ଛାଡ଼ିବାକୁ ଅନିଚ୍ଛୁକ। ଚାଟି ଚାଟି ସେ ନୟାନ୍ତ କରିଦିଏ ମତେ।

ମୋ ଉପଯୋଗରେ ଯେଉଁ ରାଇ ପ୍ରସ୍ତୁତ କରାଯାଏ, ସେ ତ ଅନନ୍ୟ ! ଯେତେ ଦାମିକା ଖାଦ୍ୟ ହୋଇଥିଲେ ବି ଭୋଜିରେ କେହି କେହି ପାଟି କରି ପଚାରୁଥିବାର ଶୁଣାଯାଏ- "ଆମ୍ବୁଲ ରାଇଟା କେଉଁଠି ରଖାହୋଇଛି କି ହୋ?"

ମୁଁ ଓଡ଼ିଶାର ଏକ ପ୍ରାଚୀନ ଅଥଚ ମୌଳିକ ରସାଳ ପରିଚୟ।

ମୋ କଥାକୁ ନେଇ ଓଡ଼ିଆରେ ଖୁବ୍ କମ୍ ଗପ ଗୀତ ଲେଖାହୋଇଛି। କିନ୍ତୁ ମୁଁ ଜାଣେ ତୁମେମାନେ ଆଗକୁ ମୋ ଉପରେ ବହୁତ ଲେଖା ଲେଖି କରିବ। କରିବ ଟି?



Digitized by srujanika@gmail.com



ପଇସା ମୁଣି

ଅତୀତ କାଳରେ ଯେତେବେଳେ କଉଡ଼ି ବା ମୁଦ୍ରା ପଇସା ଆକାରରେ ଚଳୁଥିଲା ସେ ସବୁ ନେବା ଆଣିବା କରିବା ପାଇଁ ଥିଲାବାଲା ଲୋକମାନେ ମତେ ବ୍ୟବହାର କରୁଥିଲେ । କିଏ ମତେ ପାଟ ବା ମଖମଲି କନାରେ ତିଆରି କରୁଥିଲା ତ କିଏ ଚମଡ଼ାରେ କରୁଥିଲା । ସେଥିରେ ପୁଣି ଚମଡ଼ାର ପ୍ରକାର ଅନୁସାରେ ମୋର ବଡ଼ପଣ ମଧ୍ୟ ସାଧାରଣରୁ ଦାମିକା ଓ ଅତି ଦାମିକା ହୋଇଯାଉଥିଲା । ସେତେବେଳେ ମୋ ନାଆଁ ଥିଲା ''ପଇସା ଥଳି'' । ପାନ ଖାଉଥିବା ଲୋକେ ଯେଉଁମାନେ ''ବଟୁଆ'' ବ୍ୟବହାର

Digitized by srujanika@gmail.com

କରୁଥିଲେ, ସେମାନେ ସେଥିରେ ପାନ ଓ ଚେରମୂଳି ଔଷଧ ସହ ଆଉ ଗୋଟାଏ ବାଟ ଫିଟେଇ ମତେ ସାଇତି ରଖୁଥିଲେ । ଆମ ଓଡ଼ିଆରେ ମତେ କିଏ କିଏ କହୁଥିଲେ "ବଟୁଆ" ।

ଦିନ ଥିଲା ଅଧଲା ପାହୁଲା ଭଳି ଅତି ସାଧାରଣ ମୁଦ୍ରାଟିଏ ଲୋକେ ଦେଖିବାକୁ ପାଉ ନ ଥିଲେ । ପାହୁଲା ମାନେ ପଇସାର ଚାରି ଭାଗରୁ ଭାଗେ । ଅଧଲା ମାନେ ପଇସାରୁ ଅଧେ । ଗରିବ ଲୋକେ ପଇସା ରଖିବା ପାଇଁ ଧାତୁରେ ତିଆରି ଛୋଟ "କରାଟ" ବ୍ୟବହାର କରୁଥିଲେ । କରାଟଟି ଅଣ୍ଟାରେ ଖୋସା ହେଉଥିଲା ।

ବାଟୋଇମାନେ କିନ୍ତୁ ପଇସା ନେବା ଆଣିବା କରିବା ପାଇଁ "ବେକମୁଣା" ନ ହେଲେ ଗାଞ୍ଜିଆ ବ୍ୟବହାର କରୁଥିଲେ । ବେକମୁଣାରେ ଗୋଟିଏ ଛୋଟ ଜାଲିମୁଣା ସୂତାରେ ବାନ୍ଧି ବେକରୁ ଝୁଲେଇ ଦିଆଯାଉଥିଲା । ମୁଣାରେ ରହୁଥିଲା ପଇସା । ପୋଷାକ ପିନ୍ଧିଲେ କି ଦେହକୁ ଚଦରରେ ଘୋଡ଼େଇଦେଲେ ଆଉ ମୁଣା ଦେଖାଯାଉ ନ ଥିଲା । ସେମିତି କନାରେ ଗୋଟେ ସରୁଆ ନଳମୁଣା କରି "ଗାଞ୍ଜିଆ" ତିଆରି କରାଯାଉଥିଲା । ସେଥିରେ ଟଙ୍କା, ପଇସା ଏପରି କି ଅନ୍ୟ ମୂଲ୍ୟବାନ ଜିନିଷ ପୂରେଇ ଅଣ୍ଟାରେ ଗୁଡ଼େଇ ବାନ୍ଧି ଦିଆଯାଉଥିଲା । ତା' ଉପରେ ଲୁଗା ପିନ୍ଧିଦେଲେ ପଇସାତକ ଆଉ ହଜିବାର ବା ଚୋରି ହେବାର ସମ୍ଭାବନା ନ ଥାଏ ।

Digitized by srujanika@gmail.com

ଆଜି ଆଉ ସେ କଥା ନାହିଁ । ମୁଁ ଆଉ "ପଇସା ଥଳି", "ବଟୁଆ", "କରାଟ", "ବେକମୁଣା" କି "ଗାଞ୍ଜିଆ" ଆକାରରେ ନାହିଁ । ମୋର କେତେ ନୂଆ ନାଆଁ ହୋଇଗଲାଣି । ଇଂରେଜୀ ଶାସନ ଭାରତରେ ଚାଲିବା ଦିନୁ କିଏ ମତେ କହିଲା, 'ପର୍ସ" ତ କିଏ "ମନିବ୍ୟାଗ୍", ପୁଣି କିଏ "ୱାଲେଟ୍" । ଆମେରିକୀୟମାନେ କିନ୍ତୁ ମତେ କହନ୍ତି "ହ୍ୟାଣ୍ଡ୍ ବ୍ୟାଗ୍" । କାରଣ ମୋ ଦେହରେ ପଇସା ସହ ଅନ୍ୟ ଜିନିଷ ବି ସେମାନେ ଧରନ୍ତି ।

ଜାପାନରେ କିଛି ଲୋକ ଏବେ ବି ମୋର ଗାଞ୍ଜିଆ ରୂପକୁ ବ୍ୟବହାର କରନ୍ତି । ଷୋଡ଼ଶ ଶତାବ୍ଦୀରୁ ମୁରାଇମାନେ ମତେ ବ୍ୟବହାର କରନ୍ତି ବୋଲି ପ୍ରମାଣ ଅଛି । ସେମାନଙ୍କ ମୁହଁରେ କିନ୍ତୁ ମୋର ନାଆଁ ହେଉଛି- "ଉଚି ବୁକୁରୋ" ମାନେ "ପଇସା ମୁଣି" ।

●●●

Digitized by srujanika@gmail.com



ଝରକଲମ

ଆଗରୁ ପାଠପଢ଼ା ଆରମ୍ଭ ହେଉଥିଲା ଖଡ଼ିଗୋଟାଳିରେ । ଏବେ ବି ଗାଁ ଗହଳରେ ଖଡ଼ିଗୋଟାଳି ଧରି ଅକ୍ଷର ଶିଖିବା ଆରମ୍ଭ କରାଯାଏ । ସେଇଥିପାଇଁ ପାଠପଢ଼ା ଆରମ୍ଭକୁ କୁହାଯାଏ ଖଡ଼ିଛୁଆଁ । ଖଡ଼ିଗୋଟାଳିକୁ ପଛରେ ପକାଇ ଚକ୍ ଖଡ଼ି ଆସିଗଲାଣି । ଥରେ ଅକ୍ଷର ଶିଖିଯାଇ ସିଲଟ ଛାଡ଼ିଦେଲେ କାଗଜରେ ଲେଖା ଆରମ୍ଭ ହୁଏ । ସହରମାନଙ୍କରେ ପ୍ରାୟ ସମସ୍ତେ କାଗଜଧରି ଅକ୍ଷର ଶିଖନ୍ତି । ଗାଁ ଗହଳରେ ବି ସେଇଆ

Digitized by srujanika@gmail.com

ହେଲାଣି । ଥରେ ଅକ୍ଷର ଶିଖିଗଲେ ତେଣିକି ପେନ୍‌ସିଲ୍ ରବର ଧରି ଲେଖା ଆରମ୍ଭ ହେଉଥିଲା । ପେନ୍‌ସିଲ୍ ପରେ ଆସୁଥିଲା କଲମ । ହାତ ସଳଖ ହୋଇଗଲେ କଲମରେ ଲେଖିବା ଅଭ୍ୟାସ ସହଜ ହୋଇଯାଉଥିଲା ।

କଲମ କହିଲେ ଲୋକେ ଦୁଇପ୍ରକାରର କଲମ କଥା ଜାଣନ୍ତି । ଗୋଟିଏ 'ବୁଢ଼ା କଲମ', ଆରଟି ହେଉଛି ମୁଁ । 'ବୁଢ଼ା କଲମ'ପୁଣି ଦୁଇ ଜାତିର । 'କାଠି କଲମ' ଓ 'ପର କଲମ' । ବହୁବର୍ଷ ଧରି ବୁଢ଼ା କଲମ ହିଁ ଥିଲା କଲମ ଭାବେ ଜଣାଶୁଣା ଲେଖା ସରଞ୍ଜାମ । ଲୁହା ଲିଖନ ପରେ ଆସିଥିଲା ବୁଢ଼ା କଲମ । ବୁଢ଼ା ପରେ ଆସିଗଲି ମୁଁ ।

'ବୁଢ଼ା'ର ସିନା ମୁହଁ ଓ ଦେହ ଅଛି, ମୋର କିନ୍ତୁ ଥାଏ ମୁହଁ, ବେକ, ଜିଭ, ଖୋଳ, ପେଟ ଓ ଦେହ । ମୋ ଖୋଳରେ ଥାଏ ଏକ ସୁନ୍ଦରିଆ ଖୋସଣା । ସେଇଥିପାଇଁ ମତେ କ୍ଲିପ୍ ପେନ୍ କହିବା ସହ ନିବ୍-କଲମ ବା ଧାତୁମୁହାଁ କଲମ ଭାବରେ ସମସ୍ତେ ଜାଣୁଥିଲେ । ମୋ ଦେହରେ ଥିବା କାଳି, ଚାପ ଓ ଉଠାଣ ପ୍ରକ୍ରିୟା ଯୋଗୁଁ ଝରିଆସି ଜିଭରେ ଥିବା ନାଳୀ ଦେଇ ନିବ୍ ସାହାଯ୍ୟରେ ଲେଖିପାରେ । ପୁଣି କାଳି ସରିଗଲେ ବେକ ଖୋଲି ପେଟରେ କାଳି ଭର୍ତ୍ତି କରିଦିଆଯାଏ । କୌଣସି କୌଣସି କମ୍ପାନି ମୋ ଦେହରେ ଯନ୍ତ୍ର ଲଗାଇ ମୁହଁବାଟେ କାଳିଟାଣିବା ବ୍ୟବସ୍ଥା କରିଥାନ୍ତି ।

ଇତିହାସରୁ ଜଣାଯାଏ ଯେ ମଘ୍‌ରେବ୍‌ର ଖଲିଫା ମାଦ୍-ଅଲ୍-ମୁଇଜ୍ ଥରେ ଅଡ଼ି ବସି କହିଲେ ମତେ ଏମିତିକା ଗୋଟେ କଲମ ଦିଅ, ଯାହାର କାଳି ହାତରେ ଲାଗିବନି କି ଲୁଗାପଟାରେ ପଡ଼ିବନି । କାରଣ ବୁଢ଼ା କଲମର କାଳି ଟିକିଏ ଅସାବଧାନ ହେଲେ ଦେହ ବା ଲୁଗାପଟାରେ

Digitized by srujanika@gmail.com

ପଡ଼ିଯାଏ । ଇଏ ଦଶମ ଶତାବ୍ଦୀର କଥା । ସେଇଠୁ ପେଟ ଭିତରେ କାଳି ସାଇତି ଲେଖିପାରିବା କଲମ କଥା ଚିନ୍ତା କରୁ କରୁ ମୁଁ ଜନ୍ମ ହେଲି । ତେବେ ସେ ସବୁ ଚେଷ୍ଟାରେ ମୋର ଅସଲ ଦେହ ଗଢ଼ାହୋଇ ପାରିଲା ନାହିଁ । ମୁଁ ପରିପୂର୍ଣ୍ଣ ରୂପରେ ମଣିଷମାନଙ୍କ ହାତକୁ ବହୁଳ ଭାବରେ ଆସୁଆସୁ ଉନବିଂଶ ଶତାବ୍ଦୀର ଶେଷଭାଗ ହୋଇଗଲା ।

ଏବେ ବି ଗବେଷଣା ଚାଲିଛି । ମତେ କେତେ ସୁନ୍ଦର, ଭଲ ଓ କାର୍ଯ୍ୟକ୍ଷମ କରାଯାଇପାରିବ, ସେଥିପାଇଁ ପୃଥିବୀ ପ୍ରସିଦ୍ଧ କଲମ ତିଆରି କମ୍ପାନିମାନେ ଆଜି ମଧ୍ୟ ଚେଷ୍ଟା ଚଳାଇଛନ୍ତି । ସୁନା, ପ୍ଲାଟିନମ୍ ଭଳି ଅତି ଦାମିକା ଧାତୁରେ ହୀରା, ନୀଳା ଖଂଜି ମତେ ଗଢ଼ା ଯାଉଛି ।



Digitized by srujanika@gmail.com



ଦିଆଶିଲି କାଠି

ମୋତେ ପ୍ରାୟ ସମସ୍ତେ ଚିହ୍ନିଥିବେ । ଏତେ ଦରକାରୀ ଯେ ଘରର ଅତ୍ୟାବଶ୍ୟକ ପଦାର୍ଥଗୁଡ଼ିକ ଭିତରେ ମୁଁ ଜଣେ ବୋଲି ଧରାଯାଏ ।

ସୁରକ୍ଷିତ ରଖିବା ପାଇଁ ମୋ ଭଳି ଗୁଡ଼ିଏ କାଠିଙ୍କୁ ଏକାଠି କରି ଗୋଟିଏ ପତଳା କାଠ ବା କାଗଜର ଖୋଳ ଭିତରେ ରଖାଯାଇଥାଏ । ତା' ନାଁ ଦିଆଶିଲି, ତେଣୁ ମୋ ନାମ ଦିଆଶିଲି କାଠି ।

Digitized by srujanika@gmail.com

ଥରେ ଗୋଟେ ପିଲାକୁ ପଚରାଗଲା 'ଦିଆଶିଲି' ନାଆଁଟିର ଅର୍ଥ କହିବାକୁ । ପିଲାଟି କହିଲା- ଦିଆ ମାନେ ବତି ଓ ଶିଲ୍ ଅର୍ଥ ଇଂରେଜୀରେ ବନ୍ଦ୍ କରିବା । ତେଣୁ ଦିଆଶିଲି ଅର୍ଥ 'ବନ୍ଦ୍ ଥିବା ବତି' । ପିଲାଟି ସିନା ଏମିତି ହାଲୁକାରେ କହିଲା, ଦିଆସିଲି ଅର୍ଥ ମୋଟାମୋଟି ସେଇଆ । ଇଂଲିସ୍‌ରେ ଦିଆଶିଲିକୁ ମ୍ୟାଚ୍‌ବକ୍ସ କହନ୍ତି । ଇଂଲିସ୍ ମ୍ୟାଚ୍ ଶବ୍ଦର ଅର୍ଥ ''ଏକ ଉପକରଣ ଯାହାଦ୍ୱାରା ଏକ ଜଗାରଖା ପରିସ୍ଥିତିରେ ନିଆଁ ଜଳେଇ ହେବ ।''

ମୁଁ ଅତି ହାଲୁକା ଓ ସହଜରେ ଜଳିପାରିବା ଭଳି କାଠ କିମ୍ବା ମହମଦିଆ କାଗଜ କାଠିରେ ତିଆରି । ମୋର ଗୋଟିଏ ପଟେ ରାସାୟନିକ ପଦାର୍ଥ ଥାଏ । ଠିକଣା ଯାଗାରେ ଜୋର୍‌ରେ ଘସିଦେଲେ ତାହା କ୍ଷଣକରେ ଜଳିଉଠେ । ମୁଁ ପୂରା ଜଳିଗଲେ ନିଆଁ ଆପେ ଲିଭିଯାଏ । ଯେଉଁପଟେ ଜଳିବା ଜିନିଷ ଥାଏ, ତାକୁ ମୋର ମୁଣ୍ଡ କହନ୍ତି । ସେଥିରେ ଫସ୍‌ଫରସ୍ ବା ଫସ୍‌ଫରସ୍ ସେସ୍‌କ୍ୱିସଲ୍‌ଫାଇଡ୍ ଥାଏ । ଏଇ ଫସ୍‌ଫରସ୍‌କୁ ବାନ୍ଧି ରଖିବା ପାଇଁ ଚାରିପଟେ ଜିଲେଟିନ୍ ମଧ୍ୟ ଘେରି ରହିଥାଏ ।

ପ୍ରାଚୀନ ଚୀନ୍ ଦେଶରେ ୫୭୭ ଖ୍ରୀଷ୍ଟାବ୍ଦ ବେଳକୁ ପାଇନ୍ ଗଛ କାଠିରେ ସଲ୍‌ଫର୍ ଭର୍ତି କରି ଜାଳିବା ଲାଗି ଉଦ୍ୟମ କରାଯାଉଥିଲା । ଇଉରୋପ ମହାଦେଶରେ ଫସ୍‌ଫରସ୍ ସହିତ ପାଇନ୍ କାଠିକୁ ଯୋଡ଼ି ମତେ ଗଢ଼ିବା ପାଇଁ ଅନେକ ଚେଷ୍ଟା କରାଯାଇଥିଲା । ପରେ ୧୮୦୫ ଖ୍ରୀଷ୍ଟାବ୍ଦରେ ପ୍ୟାରିସ୍‌ର ଜ୍ୟାଁ ଚାନ୍‌ସେଲ୍‌ଙ୍କ ଦ୍ୱାରା ମୁଁ ପ୍ରକୃତରେ ତିଆରି ହେଲି ।

Digitized by srujanika@gmail.com

ମୁଁ କେମିତି ତିଆରି ହେଲି, ମତେ ବିକି ବେପାର କରିବା ପାଇଁ କିଏ କେମିତି ଚେଷ୍ଟା କରିଥିଲେ, ସେ ବିଷୟରେ ବହୁତ ମଜା ମଜା କଥା ଅଛି ।

ସବୁଠୁ ମଜାଦାର କଥାଟି ହେଲା ମତେ କେହି କେହି ନିଆଁକାଠି ବୋଲି ମଧ୍ୟ କହନ୍ତି । ଝଡ଼ ସମୟରେ ସମୁଦ୍ର ଭିତରେ ଜଳିବା ପାଇଁ ମତେ ଗୋଟାଏ ଭିନ୍ନ ଢଙ୍ଗରେ ତିଆରି କରାଯାଏ । ତା'ର ନାଁ ହେଉଛି ''ଝଡ଼ ତୋଫାନ୍ ଦିଆଶିଲି କାଠି ।''

ମୁଁ ସିନା ଛୋଟ, ହେଲେ ମତେ ଗୋଟେ ବିପଜ୍ଜନକ ପଦାର୍ଥ ଭାବରେ ମଧ୍ୟ ଗଣା ଯାଇଥାଏ । ମତେ ଜଗିରଖି ବ୍ୟବହାର କରିବା ନିତାନ୍ତ ଜରୁରି ।

••••



Digitized by srujanika@gmail.com



ପୋଷ୍ଟ୍ କାର୍ଡ୍

ମନେ ହେଉଛି ତୁମମାନଙ୍କ ଭିତରୁ କେହି କେହି ହୁଏ ତ ମୋତେ ଦେଖି ନ ଥିବ ମତେ! ମୋ' ନାଁ ପୋଷ୍ଟ୍ କାର୍ଡ୍ ମାନେ ଖୋଲା ଡାକ ଚିଠି। ଆଜିକାଲି ତ ଇଣ୍ଟର୍‌ନେଟ୍, ଏସ୍‌ଏମ୍‌ଏସ୍ ଓ ଇ-ମେଲ୍‌ର ଯୁଗ! ମତେ ଏବେ ପଚାରୁଛି କିଏ?

ସତ କହୁଛି, ମାତ୍ର କୋଡ଼ିଏ ବର୍ଷ ତଳେ ମୁଁ ସବୁଆଡ଼େ ଦେଖିବାକୁ ମିଳୁଥିଲି। କ'ଣ କରାଯିବ? ଯୁଗ ବଦଳିଲା, ଭାବ ଆଦାନପ୍ରଦାନର ପ୍ରଣାଳି ବଦଳିଲା; ଅତଏବ ମୁଁ ଆଧୁନିକ ବିଚାରରେ ଅଲୋଡ଼ା ହୋଇଗଲି।

Digitized by srujanika@gmail.com

ନିଜ ବିଷୟରେ ଟିକେ କହେ । ପହିଲେ ୧୮୬୯ ମସିହାରେ ମୁଁ ଅଷ୍ଟ୍ରିଆରେ ସାଧାରଣ ଲୋକଙ୍କ ପାଖକୁ ଆସିଲି । ମନେ ପଡୁଛି, ସେଇ ବର୍ଷ ମହାତ୍ମା ଗାନ୍ଧୀ ମଧ୍ୟ ଜନ୍ମ ହୋଇଥିଲେ । ମାତ୍ର ଗୋଟିଏ ବର୍ଷ ପରେ ବ୍ରିଟେନ୍‌ର ଡାକ ବିଭାଗ ମତେ କାମରେ ଲଗେଇଲା । ସେତେବେଳେ ମୋର ରୂପ ଦେଖି ଅନେକ ଲୋକ ନାକ ଟେକିଲେ, ଟାହିଟାପରା କଲେ । କିଏ କହିଲା, "ଆରେ, ଏଥିରେ କ'ଣ ଚିଠି ଲେଖିହେବ? ଚିଠି ଲେଖା ଗୋଟେ ବ୍ୟକ୍ତିଗତ ଗୋପନ କଥା, ଏ ତ ଖୋଲା ଚିଠି । ଏଥିରେ କିଏ କାହିଁକି ଲେଖିବ? ଧେତ୍!"

ତଥାପି କେହି କେହି ମତେ ବ୍ୟବହାର କଲେ । ହେଲେ ସେତେବେଳେ ଯିଏ ମତେ ପାଉଥିଲା, ମୁଣ୍ଡ ତଳକୁ କରୁଥିଲା । କାରଣ ଲେଖାଥିବା କଥା ତ ଖୋଲାଖୋଲି ଦେଖାଯାଉଛି, ସମସ୍ତେ ଜାଣିବେ ତମ ପାଖକୁ କେଉଁ ଖବର ଆସିଲା! ତଥାପି ଉପଯୋଗିତାକୁ ଲକ୍ଷ୍ୟ କରି ଧୀରେ ଧୀରେ ମୁଁ ଲୋକପ୍ରିୟ ହେବାକୁ ଲାଗିଲି । ସାଧାରଣ ଲୋକେ ମତେ ସହଜରେ ଆପଣାର କରିନେଲେ । ଇଂଲଣ୍ଡ୍‌ରେ ମୁଁ ଅତି ଶୀଘ୍ର ଭାବ ବିନିମୟର ମାଧ୍ୟମ ହୋଇଗଲି । ଏକା ଲଣ୍ଡନ୍ ପୋଷ୍ଟ୍ ଅଫିସ୍‌ରେ ପ୍ରଥମ ଦିନ ମୁଁ କୁଆଡ଼େ ୫,୭୫,୦୦୦ ସଂଖ୍ୟାରେ ବିକ୍ରି ହୋଇଥିଲି । ୧୯୦୦ ଖ୍ରୀଷ୍ଟାବ୍ଦ ବେଳକୁ ମୋର ସଂଖ୍ୟା ବଢ଼ିଯାଇ ହୋଇଥିଲା ୩୮,୦୦୦ ଲକ୍ଷ ।

ଆମେରିକାରେ ମୋର ଆବିର୍ଭାବ ହୁଏ ୧୮୭୩ରେ । ସେତେବେଳେ ମାର୍କିନ୍ ସରକାର ମୋ ଦେହରେ ରାଷ୍ଟ୍ରର ତଥା ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ଛବି ଛାପିଥିଲେ । ପରେ ପରେ ପ୍ରେସିଡେଣ୍ଟ୍ ୱାସିଂଟନ୍ ଓ ଜେଫରସନ୍‌ଙ୍କ ଫଟୋ ଛପାଗଲା । ତେଣିକି ମତେ ଉଡ଼ାଜାହାଜ ସାହାଯ୍ୟରେ ଦେଶ ବିଦେଶକୁ ପଠାଗଲା ।

Digitized by srujanika@gmail.com

ମୋ ଦେହରେ ଯେଉଁ ଟିକଟ୍ ବସେ ତାହା କେଉଁ ଦେଶରେ ଡାହାଣ ପଟ ଉପରେ ତ ଆଉ କେଉଁଠି ବାମ ପଟ ଉପରେ ବସେ । ମଜା କଥା ହେଉଛି, ସ୍ପେନୀୟମାନେ ଟିକଟ୍‌ଟିକୁ ଠିକ୍ ମଝିରେ ବସାଉଥିଲେ ।

ମୋର ଆକୃତି ବି ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ । ଜାଣିଛ ତ, ଉତ୍ତର ପତ୍ର ଯୋଡ଼ି ମତେ ଉପଯୋଗ କରିବାରେ ଜର୍ମାନ୍‌ମାନେ ପ୍ରଥମ ? ତା' ପରେ ଅନ୍ୟମାନେ ସେମାନଙ୍କୁ ଅନୁକରଣ କରି ରିପ୍ଲାଇ କାର୍ଡର ରୂପ ତିଆରି କଲେ ।

ଭାରତରେ ବ୍ରିଟିସ୍ ଅମଳରେ ପ୍ରଥମେ ମୁଁ କେତେକ ଗଡ଼ଜାତ ରାଜ୍ୟରେ ବ୍ୟବହୃତ ହେଉଥିଲି । ସେଥି ଭିତରୁ ତ୍ରାଭାଙ୍କୋର ରାଜ୍ୟ ବେଶ୍ ଅଗ୍ରଣୀ ଥିଲା । ସେମିତି ଓଡ଼ିଶାର ବାମଣ୍ଡା ରାଜ୍ୟରେ ମୁଁ ପ୍ରଥମେ ଦେଖାଦେଇଥିଲି ବୋଲି କହାଯାଏ । ହେଲେ ଏବେ କିଏ ଆଉ ମତେ ପଚାରୁଛି?

●●●●



Digitized by srujanika@gmail.com



ଦର୍ପଣ

ଭାବୁଛି, ସକାଳୁ ସକାଳୁ ମତେ ନ ଦେଖି କେହି ବୋଧେ ନିତ୍ୟକର୍ମ ପରେ ବାହାରକୁ ବାହାରୁ ନ ଥିବେ! ସାରା ବିଶ୍ୱରେ ମତେ ଦେଖି, ମୁହଁ ସଜାଡ଼ି ଲୋକମାନେ ବେଶପଟା ହୋଇ ବାହାରନ୍ତି । ସଉକିଆ ଲୋକେ ତ ବାରମ୍ବାର ଦେଖନ୍ତି! କେହି କେହି ମୋର ଗୋଟିଏ ଛୋଟିଆ ରୂପ ନିଜ ନିଜର ହାତମୁଣାରେ ଧରି ମଧ୍ୟ ବୁଲନ୍ତି । ପୁରୁଷମାନେ ନିଜର ଖିଅର ଡବାରେ ମତେ ରଖିଥା'ନ୍ତି ।

Digitized by srujanika@gmail.com

ଏବେ ତୁମେ ଜାଣିଯିବଣି ମୁଁ କିଏ? ମୋର ନାମ ଦର୍ପଣ । ଓଡ଼ିଶାରେ ମତେ କେହି କେହି ଆରିଶି ବୋଲି ମଧ୍ୟ କହନ୍ତି । ଜାଣିଛ, ଶ୍ରୀଜଗନ୍ନାଥ ମହାପ୍ରଭୁ ମଧ୍ୟ ମତେ ସକାଳୁ ଚାହିଁ ନିଜ ମୁହଁ ଦେଖନ୍ତି ? ମତେ ନେଇ ଯିଏ ତାଙ୍କୁ ଦେଖାନ୍ତି, ତାଙ୍କର ନାଁ ଦର୍ପଣିଆ ।

ସବୁଠୁ ମଜା କଥା ହେଉଛି ମୋର ବୟସ, ତୁମେ କଳ୍ପନା କରିପାରିବନି! ଖ୍ରୀଷ୍ଟ ପୂର୍ବ ୬୦୦୦ରେସେତେବେଳର ତୁରସ୍କ ଦେଶରେ ମୋର ବ୍ୟବହାର ପ୍ରଥମେ ଆରମ୍ଭ ହୋଇଥିଲା । ପ୍ରାଚୀନ ତୁରସ୍କର ନାଁ ଥିଲା ଆନାତୋଲିଆ । ଆଗ୍ନେୟଗିରିରୁ ବାହାରୁଥିବା ଏକ ପ୍ରକାରର ଚକଚକ ପଥରକୁ ମୋର ଆଦ୍ୟ ରୂପ ଭାବରେ ବ୍ୟବହାର କରାଯାଉଥିଲା । ତା' ପରେ ବିଭିନ୍ନ ଧାତୁକୁ ଚିକ୍କଣ କରି ମୋର ପରିକଳ୍ପନା କରାଗଲା । ଏବେ ମୁଁ ପାରଦଦିଆ କାଚ ଭାବରେ ସର୍ବତ୍ର ବ୍ୟବହୃତ । ମାତ୍ର ଠାକୁରମାନଙ୍କ ଲାଗି ମୋର ଯେଉଁ ରୂପ ବ୍ୟବହାର କରାଯାଏ, ତାହା କେଉଁଠି ତମ୍ବା କିମ୍ବା ରୁପା ନ ହେଲେ ପିତଳ । ଧାତୁ ଆବରଣ ଦିଆ ମୋର କାଚ ରୂପ ପ୍ରଥମ ଖ୍ରୀଷ୍ଟାବ୍ଦରେ ପ୍ରାଚୀନ ଲେବାନନ୍‌ରେ ସୃଷ୍ଟି ହୋଇଥିଲା । ପରେ ରୋମାନ୍‌ମାନେ କାଚ ପଛରେ ତରଳ ସୀସା ଦେଇ ମତେ ତିଆରି କଲେ । ତେଣିକି ଚିନାମାନେ କାଚ ପଛରେ ରୁପା ଦେଇ ମତେ ଗଢ଼ିଲେ । ଷୋଡ଼ଶ ଶତାବ୍ଦୀ ବେଳକୁ ଭେନିସ୍ ସହରରେ ମୁଁ ବହୁଳ ଭାବରେ ତିଆରି ହେଉଥିଲି । ପରବର୍ତ୍ତୀ କାଳରେ ଫରାସୀ ଓ ଜର୍ମାନ୍‌ମାନେ ମତେ ଅତି ସୁନ୍ଦର କରି ତିଆରି କଲେ ।

ମତେ କେହି କେହି ସତ୍ୟର ପ୍ରତୀକ ଭାବେ ଗ୍ରହଣ କରନ୍ତି । କାରଣ ଯିଏ ଯାହା ତାକୁ ମୁଁ ଅବିକଳ ସେଇ ଭଳି ମୋ ଦେହରେ ପ୍ରତିଫଳିତ କରି ଦେଖାଇଦିଏ ।

Digitized by srujanika@gmail.com

ତେବେ ମୋର ସରଳ ରୂପ ସମ୍ପର୍କରେ ସିନା ତୁମକୁ କହିଲି, ମୋର ମଧ୍ୟ ବିଭିନ୍ନ ଜଟିଳ ରୂପ ଅଛି । କାଚର ପ୍ରକାର ଭେଦରେ ମୁଁ କେତେବେଳେ ଉତ୍ତଳ ତ କେତେବେଳେ ଅବତଳ । ତେଣୁ ମୋ ଦେହରେ ଛୋଟ ଜିନିଷ ବଡ଼ ଏବଂ ବଡ଼ ଜିନିଷ ଛୋଟ ଦେଖାଯାଏ ।

ଗୋଟେ ବିଚିତ୍ର କଥା ହେଉଛି ଯାଦୁଘରେ ମୋର ଜଟିଳ ରୂପ ମାଧ୍ୟମରେ ଲୋକେ ନିଜକୁ ଦେଖି ହସିହସି ଗଡ଼ନ୍ତି । ମୋ ପ୍ରତିଫଳନରେ ଦେହ ମୁହଁ ବଡ଼ ବିଚିତ୍ର ଦିଶେ ।

ମୂଳ କଥା ହେଲା, ମୋର କାମ; ଯାହା ସାମନାକୁ ଆସେ ମୁଁ ତା'କୁ ପ୍ରତିଫଳିତ କରେ । କାଚର ପ୍ରକାର ଭେଦ ଓ ପାରଦ ପ୍ରଲେପର ପରିବର୍ତ୍ତନରେ ଯାହା ମୁଁ ଅଲଗା ଦିଶେ ।

ଗୋଟିଏ କଥା, ମୁଁ ଥରେ ପଡ଼ି ଭାଙ୍ଗିଗଲେ ମୋର ଭଙ୍ଗା ସ୍ୱରୂପକୁ ଆଉ ବ୍ୟବହାର କରିବା ଅନୁଚିତ । ମୋର ଫଟା ରୂପ କୁଆଡ଼େ ଅମଙ୍ଗଳସୂଚକ!

●●●●

Digitized by srujanika@gmail.com



ଡିବିରି

ଅଳ୍ପ ଦିନ ତଳର କଥା । ରାତି ନଅଟା ସମୟ । ହଠାତ୍ ପିଣ୍ଟୁଘର ବିଜୁଳି ଆଲୁଅ ଚାଲିଗଲା । ପଢ଼ାଘରେ ପଢୁଥିଲା ପିଣ୍ଟୁ । ଯାଃ, ଚାରିଆଡ଼ ଅନ୍ଧାର ହୋଇଗଲା । ଜେଜେମା'ଙ୍କର ଖାଇବା ବେଳ । ଅଧା ବଢ଼ା ହୋଇଛି । ଭାତଡାଲି ବଢ଼ା ସରିଥିଲା ।

Digitized by srujanika@gmail.com

ସେ ପାଟିଟାଏ କଲେ, "ଆରେ ଆଲୁଅ ଆଣ । ନ ହେଲେ ଶଙ୍ଖି ବିଲେଇ ମୋ ଭାତ ଥାଳିରେ ଗୋଡ଼ ପକେଇଦେବ ।"

ହେଲେ ଆଲୁଅ କାହିଁ? ଘରେ ମହମବତି ନାହିଁ । ଲଣ୍ଠନରେ କିରୋସିନ୍ ନାହିଁ । ବାପାଙ୍କ ଟର୍ଚ୍ ଜଳୁଛି ଯେ ସେଥିରେ ବ୍ୟାଟେରି କମ୍ । କିଛି ଦିଶୁନି ।

ସେତିକି ବେଳେ ଜେଜେମା' ମତେ ମନେ ପକେଇଲେ । କହିଲେ, "ମୋ ଶୋଇବା ଘର କାନ୍ଥଖୁରାରେ ଡିବିରିଟା ଅଛି । ସେଇଟା ଲଗେଇଦିଅ ।"

ମୁଁ ଅସନା ହୋଇ ପଡ଼ିଥିଲି । ଦେହ ସାରା ବିଧେ ମଳି । ଚକିରେ କ'ଣ ଟିକେ କିରୋସିନ୍ ପଡ଼ିଥିଲା । ଜେଜେମା' ତାଙ୍କ ଥରଥର ହାତରେ ବେଳେ ବେଳେ ମୋ ଦେହରେ କିରୋସିନ୍ ଭରନ୍ତି । ଜଳିବା ଲାଗି ନୁହେଁ, ମୋ ଦେହରେ ଥିବା ସଳିତା ମୁହଁକୁ ପିମ୍ପୁଡ଼ି ଗାତରେ ଗେଞ୍ଜି ସେମାନଙ୍କୁ ତଡ଼ିବା ପାଇଁ ।

ଯା' ହେଉ, ସେ ଦିନ ଯେତେବେଳେ ଚାରିଆଡ଼ ଅନ୍ଧାର ମୁଁ ପିଣ୍ଡୁଘରେ ଦାଉ ଦାଉ ହୋଇ ଜଳିଲି । ଖାଉଖାଉ ବଡ଼ ଆନନ୍ଦରେ ଜେଜେମା' ମତେ ଚାହିଁଲେ ।

ପିଣ୍ଟୁ ପଚାରିଲା, 'ଜେଜି! ଏଇଟା ତମେ କେଉଁଠୁ ଆଣିଥିଲ?' ମନେ ପଡ଼ିଲା ଜେଜେମା'ଙ୍କର । ପ୍ରାୟ ଷାଠିଏ ବର୍ଷ ତଳେ ମୁଁ ଆସିଥିଲି ତାଙ୍କ ଯୌତୁକ ସାଙ୍ଗରେ ।

ମୁଁ ପିତଳରେ ତିଆରି । ଆଙ୍ଗୁଠି ପୂରେଇ ମତେ ଧରିବା ପାଇଁ ଥାଏ ଗୋଟେ ଫାଳିକିଆ କାନ । ବେକ ପାଖରେ ମୟୂର । ଦେହସାରା କୁଟିକମ । ତଳେ ଗୋଟେ ବଇଠା । ଜେଜେମା' ତାଙ୍କ ବୋହୂ ସମୟ ବେଳେ ପ୍ରତି

Digitized by srujanika@gmail.com

ସାତ ଦିନରେ ଥରେ ଆମ୍ବୁଲ ଦେଇ ମତେ ଘଷିଘଷି ସଫା କରୁଥିଲେ । ମୁଁ ସୁନା ଭଳି ଦାଉ ଦାଉ ଦିଶୁଥିଲି ।

ପିଣ୍ଟୁର ବାପା ଛୋଟ ଥିବା ବେଳେ ମତେ ଆଗରେ ଥୋଇ ପାଠ ପଢ଼ନ୍ତି, ଖାତାରେ ପାଠ ଲେଖନ୍ତି । ବେଳେ ବେଳେ ନିଜ ଅଜାଣତରେ ମୋ ନିଆଁରେ ତାଙ୍କ ଚୁଟି ବାଜିଯାଏ । ଫୁରୁଫୁରୁ ହୋଇ ପୋଡ଼ିଯାଏ କିଛି ବାଳ ।

କିରୋସିନ୍‌ର ଆବିଷ୍କାର ପରେ ଲଣ୍ଠନ ଓ ଲ୍ୟାମ୍ପ୍ ପରି ମୁଁ ବି ଉଦ୍ଭାବିତ ହେଲି । ମୋର ସହଜ ରୂପ ଓ ବ୍ୟବହାର ମତେ ଗାଁ ଗହଳରେ ଖୁବ୍ ଲୋକପ୍ରିୟ କରିଦେଇଥିଲା । ବେଳେ ବେଳେ ଅସାବଧାନତା ଯୋଗୁଁ ମୁଁ ଏଠି ସେଠି ନିଆଁ ଲାଗିଯିବାର କାରଣ ବି ହେଉଥିଲି ।

ମୁଁ ପ୍ରକୃତରେ ଗରିବର ସାଙ୍ଗ । ଲଣ୍ଠନ ବା ଲ୍ୟାମ୍ପ୍‌ଟିଏ କିଣିବା ସାଧାରଣ ଲୋକ ପକ୍ଷରେ ସେତେବେଳେ ସମ୍ଭବ ହେଉ ନ ଥିଲା । ମୁଁ କିନ୍ତୁ ସହଜରେ ମିଳିଯାଏ ସମସ୍ତଙ୍କୁ । ମତେ କିଏ ମାଟିରେ, କିଏ ଟିଣରେ, କିଏ ପିତଳରେ ମଧ୍ୟ ଗଢ଼ନ୍ତି । ଶେଷକୁ କାଚ ଶିଶିରେ କଣା କରି ବଳିତା ଗୁଞ୍ଜି ମଧ୍ୟ ମତେ ତିଆରି କରାଗଲା । ସମୟ ବଦଳିବା ସହ ମୁଁ ଏବେ କାହିଁ କେତେ ପଛରେ ପଡ଼ିଗଲିଣି । ଗୁଡ଼ାଏ ଧୂଆଁ କରେ ବୋଲି ମତେ ଅନେକ ଅପସନ୍ଦ କରନ୍ତି । ହେଲେ ଏବେ ମତେ ଦେଖିବାକୁ ଚାହିଁଲେ ପୁରୀ ସମୁଦ୍ର କୂଳକୁ ଯାଇ ମୋଟା ସଳିତା ଲଗେଇ ବାରମଜା ବିକିବାବାଲାଙ୍କୁ ଦେଖ । ସନ୍ଧ୍ୟାବେଳଟା ସାରା ମତେ ଜଳାଇ ସେମାନେ ବେପାର କରନ୍ତି । ସମୁଦ୍ର ପବନ ବି ମତେ ଲିଭେଇପାରେନା । ମତେ ଯେଉଁ ହାତରେ ଧରାଯାଏ, ତାକୁ କହାଯାଏ 'ଡିବିରି ହାତ' ବା 'ଡେବିରି ହାତ' । ଏ କଥା ଜାଣିଛ ଟି?

Digitized by srujanika@gmail.com

ଟେଲିଫୋନ୍

ସମୟ ଥିଲା, ଯେତେବେଳେ ମତେ ଲୋକେ ଘରର ଏକ ମୂଲ୍ୟବାନ୍ ସମ୍ପତ୍ତି ମନେକରୁଥିଲେ । ବାଣିଜ୍ୟ-ବ୍ୟବସାୟ ପାଇଁ ମୁଁ ଥିଲି ଏକ ଅତ୍ୟନ୍ତ ଦରକାରୀ ସରଞ୍ଜାମ । କୌଣସି ଦପ୍ତର କି ପ୍ରତିଷ୍ଠାନ ବା କେଉଁଠି ଦୂରଦୂରାନ୍ତରେ ବା ସୀମାପାର ଘାଟି ଅଞ୍ଚଳରେ ମୁଁ ଥିଲି ମଣିଷ ସହିତ ମଣିଷକୁ ମିଳାଇବା ଓ ଏଠା ଖବର ନେଇ ସେଠି ପହଞ୍ଚାଇବାରେ ଏକ ଅତି ଦରକାରୀ ମାଧ୍ୟମ । ଏ ଦେଶର ଲୋକକୁ ବି ସେ ଦେଶର ଲୋକ ସହ କଥାବାର୍ତ୍ତା କରେଇ ଦେଉଥିଲି ମୁଁ ।

Digitized by srujanika@gmail.com

ମୁଁ ଯେ ଆଜି ନାହିଁ ସେ କଥା ନୁହେଁ । ଏବେ ବି ପୂର୍ବ ଭଳି ମୋର ଆବଶ୍ୟକତା ଜାରି ରହଛି । ତେବେ ସ୍ୱରୂପ ପୂରାପୂରି ବଦଳିଯାଇଛି । ମୋର ଅସଲ ରୂପକୁ କହାଗଲାଣି 'ଲ୍ୟାଣ୍ଡ୍ ଫୋନ୍'। ଅନ୍ୟ ଅର୍ଥରେ ମୁଁ ଆଉ ଖାଲି ଟେଲିଫୋନ୍ ନୁହଁ, 'ବସିଥିବା ଫୋନ୍', କାରଣ ମୋର ଏକ ବୁଲୁଥିବା ରୂପ ବା ଭ୍ରାମ୍ୟମାଣ ସ୍ୱରୂପ ଏବେ ଖୁବ୍ ଲୋକପ୍ରିୟ ହୋଇସାରିଛି । ତାକୁ କହାଯାଉଛି, 'ସେଲ୍ ଫୋନ୍' ବା 'ମୋବାଇଲ୍' । ସେଇ ଯେ ପୁରୁଣା ଗୀତ-

"ଟେଲିଫୋନ୍‌ର ମଜା,
ଶହେ କୋଶରୁ
ଆଈ ସାଥିରେ
କଥା କହୁଛି ଅଜା,"

ଏବେ ଫିକା ପଡ଼ିଲାଣି । ମୁଁ ଆଜି ଏତେ ସହଜରେ ମିଳୁଥିବା ବସ୍ତୁ ଯେ ମତେ ଭିନ୍ନ ଭିନ୍ନ ରୂପରେ ତିଆରି କରି ବିଶେଷ କରି ଯୁବକ ଯୁବତୀଙ୍କୁ ଆକର୍ଷିତ କରିବା ପାଇଁ କମ୍ପାନିମାନେ ଉସ୍କାଉଛନ୍ତି- "ଆହୁରି କଥାବାର୍ତ୍ତା କର ।" ମତେ ଧରି ଆହୁରି ଗପିବାକୁ ସେମାନେ ଟିହାଉଛନ୍ତି ସମସ୍ତଙ୍କୁ। ସେଥିରୁ ସାନ ସାନ ପିଲାମାନେ ବି ବାଦ୍ ପଡୁନାହାନ୍ତି ।

ଅଯଥା ଗପିବାରେ ଯେ କେତେ ମୂଲ୍ୟବାନ୍ ସମୟ ବରବାଦ ହେଉଛି, ସେ କଥା କ'ଣ କିଏ ବୁଝୁଛି? କ'ଣ ନା ଆହୁରି ଗପ, ଆହୁରି କଥା କହ । ତାଙ୍କ କମ୍ପାନିର ଗୋଟାଏ ନମ୍ବର୍‌ରୁ ଆଉ ଗୋଟାଏ ନମ୍ବର୍‌କୁ କଥା କହିଲେ ମାଗଣା ।

ଏବେ ଦେଖାଯାଉଛି ସମସ୍ତେ ସବୁଆଡ଼େ ଅଯଥା ଗପିବାରେ ଲାଗିଛନ୍ତି, ଦରକାର ଥାଉ ବା ନ ଥାଉ ।

Digitized by srujanika@gmail.com

ଦୂରରେ ଥିବା ଦୁଇଜଣଙ୍କ ଭିତରେ ଆଳାପ ଆଲୋଚନା ବା ଖବର ଦିଆନିଆ ପାଇଁ ମୋର ସୃଷ୍ଟି ହୋଇଥିଲା । ସୃଷ୍ଟିକର୍ତ୍ତା ହେଉଛନ୍ତି ଆଲେକ୍‌ଜାଣ୍ଡର୍ ଗ୍ରାହାମ୍ ବେଲ୍ । ତାହା ୧୮୭୦ ମସିହାର କଥା ।

ପହିଲେ ମୁଁ ଥିଲି ତାର-ଯୋଡ଼ା ହୋଇ । ତା' ପରେ ବିନା ତାରରେ

ମୋ କାମ ଚାଲିଲା । ତାକୁ କହାଗଲା 'କର୍ଡ୍‌ଲେସ୍' । ଏବେ ତ ସବୁଆଡ଼େ ମୋବାଇଲ୍ ଫୋନ୍ । ମୁଁ ଆଉ କେବଳ କଥାବାର୍ତ୍ତାର ଉପକରଣ ହୋଇନାହିଁ; ମୋ ଦେହରେ ଗୀତ, ଛବି, କ୍ୟାମେରା, ଇଣ୍ଟର୍‌ନେଟ୍ ଏପରିକି ବ୍ଲଡ୍ ପ୍ରେସର୍ ମାପିବା ଓ ରକ୍ତରୁ ଶର୍କରା ଭାଗ ଜାଣିବାର ଯନ୍ତ୍ର ଖଞ୍ଜା ହେଲାଣି ।

ଧନ୍ୟ ଏ ମଣିଷର ଉଦ୍ଭାବନ-ଶୋଷ । ଆଉ କେତେ ଦିନକୁ ମୋ ରୂପ କ'ଣ ହୋଇଥିବ, ସେ କଥା କିଏ କହିବ?

••••

Digitized by srujanika@gmail.com



ସାଇକଲ୍

ଯିଏ ଯାହା କହନ୍ତୁ, ମୁଁ କିନ୍ତୁ ପିଲାଙ୍କର ଖୁବ୍ ପ୍ରିୟ। ଟିକିଏ ବଡ଼ ହୋଇଗଲେ ସବୁ ପିଲା ଚାହାଁନ୍ତି ମତେ ଚଳେଇ କେମିତି ମଜା ନେବେ। ଦୁଇ ତିନି ବରଷର ପିଲା ବି ମୋର ତିନିଚକିଆ ରୂପ ଉପରେ ସବାର ହୋଇ ବସେ ଓ ଅନାୟାସରେ ଚଳାଏ। ଏବେ କେତେ କେତେ ପ୍ରକାରରେ ମୁଁ ବଜାରରେ ମିଳୁଛି।

Digitized by srujanika@gmail.com

ପିଲାମାନଙ୍କ ପାଇଁ ମୁଁ ଗୋଟାଏ ଖେଳଣା । ପଇସା ଖର୍ଚ୍ଚ କରିବାକୁ ଯେଉଁମାନଙ୍କ ପାଖରେ ସମ୍ବଳ ନାହିଁ, ସେମାନଙ୍କ କଥା ଅଲଗା କିନ୍ତୁ ଯେଉଁ ବାପା ମା'ମାନେ ଟିକେ ସ୍ୱଚ୍ଛଳ, ସେମାନେ ମତେ ଆଦର କରି ପିଲାଙ୍କ ସକାଶେ କିଣିନିଅନ୍ତି ।

ମୋ ଉପରେ ବସି ପ୍ରଥମ ଦିନ ଚଳେଇବାର ମଜା ନିଆରା । ଲାଗେ ଦିନସାରା ଏମିତି ଚଳାଉଥା'ନ୍ତି କି! ଟିକିଏ ବଡ଼ ହୋଇଗଲେ ମୋର ଅସଲ ଆକୃତିର ଯାନଟିକୁ ଚଳେଇବା ଲାଗି ପିଲାମାନେ ହମ ହମ ହୁଅନ୍ତି । କିଏ ଫ୍ରେମ୍ ଭିତର ଗୋଡ଼ ଗଳେଇ, ଅଧାଡ଼ୁଆ କରି ଶିଖେ ତ କିଏ ମତେ କେଉଁଠି ଡେରି, ଉପରକୁ ଖପ୍‌କିନା ଚଢ଼ି ଚଳେଇବାକୁ ଚେଷ୍ଟାକରେ । ଶିଖିଲା ବେଳେ ଦୁଇ ତିନି କଚଡ଼ା ଖାଇବା ସୁନିଶ୍ଚିତ କଥା । କାହାର କାହାର ଆଣ୍ଠୁଗଣ୍ଠି ବି ଛିଣ୍ଡେ, ରକ୍ତ ବହେ । ହେଲେ ସେଥିକି ପରବାଏ ନ ଥାଏ । ଥରେ ମତେ ଶିଖିଗଲେ ଲାଗେ ଯେମିତି ଗୋଟାଏ ବିରାଟ ବିଜୟ ହୋଇଛି ।

ନୂଆ ନୂଆ ଶିଖିଥିବା ପିଲାକୁ ପଚାର, ମୋତେ ପ୍ରଥମେ ଆୟତ୍ତ କରିଥିବାର ମଜା କେମିତି? ଗଡ଼ାଣିରେ ବିନା ପେଡାଲ୍‌ରେ ଚଳେଇ ପିଲାମାନେ ଭାବନ୍ତି ସତେ ଯେମିତି ଏରୋପ୍ଲେନ୍‌ରେ ଉଡ଼ୁଛନ୍ତି!

ମତେ କିଏ ସାଇକଲ୍ କହେ ତ କିଏ କହେ 'ବାଇସାଇକଲ୍' । ଆଉ ପୁଣି କିଏ କହେ 'ପେଡାଲ୍ ବାଇକ୍' । ଓଡ଼ିଆରେ କିନ୍ତୁ କହନ୍ତି 'ଶୂନଗାଡ଼ି' । ମତେ ଚଳେଇବା ପାଇଁ କେବଳ ଗୋଡ଼ ଓ ହାତର କୁଶଳତା ଲୋଡ଼ା । ଅନ୍ୟ ଗାଡ଼ିମାନଙ୍କ ପରି ମୋର ଇନ୍ଧନ ଦରକାର ପଡ଼େନା । ହଁ, ଗୋଟିଏ କଥା, ମୋ ଚକରେ ପବନ ଥିବା ଆବଶ୍ୟକ । ଆଜିକାଲି କେହି କେହି ଟ୍ୟୁବ୍ ନ ଥିବା ଚକ ଲଗେଇ ମତେ ବ୍ୟବହାର କଲେଣି ।

Digitized by srujanika@gmail.com

ସମସ୍ତେ ଦେଖିଛନ୍ତି କି ନାହିଁ କେଜାଣି, ମୋର ଏକ ଗିଅର୍ ଥିବା 'ପ୍ରକାର' ମଧ୍ୟ ଅଛି । କିଏ ଦଉଡ଼ରେ ଭାଗ ନେବା ପାଇଁ ମୋର ରୂପ ବଦଳେଇଲାଣି ତ କିଏ ଜିନିଷ ବୋହିବା ପାଇଁ ଦେହରେ ଆଉ କ'ଣ ଖଞ୍ଜିଲାଣି । ପିଲାମାନେ ତ ବେଳେବେଳେ ମୋ ଉପରେ ତିନି ଚାରିଜଣ ବସି ସାଇଁସାଇଁ ମାଡ଼ିଯା'ନ୍ତି!

ଦଳେ ଅଛନ୍ତି ଗାଡ଼ି ଚାଲିଥିବା ବେଳେ ମୋ ପଛ ଅଖ ଉପରେ ଠିଆ ହୋଇ ରହନ୍ତି । ସେମାନଙ୍କର ପବନ ଖାଇବାକୁ ଇଚ୍ଛା ହୁଏ ବୋଧେ!

ପ୍ରଥମେ ଉଦ୍ଭାବିତ ହେବା ପର ଠାରୁ ମୋର ରୂପ ଯେ କେତେ କେତେ ଥର ବଦଳିଲାଣି ତା'ର ଇୟତ୍ତା ନାହିଁ । ତେବେ ମୋର ସାଧାରଣ ରୂପଟି ହିଁ ବେଶି ଲୋକପ୍ରିୟ ।

୧୮୩୯ ମସିହାରେ ସ୍କଟ୍‌ଲାଣ୍ଡ୍‌ର ଜଣେ ପ୍ରସିଦ୍ଧ କମାର ପ୍ରଥମେ ମତେ ଗଢ଼ି ଚହଳ ପକାଇଥିଲେ । ତାଙ୍କର ନାଁ କିର୍କ୍‌ପାଟ୍ରିକ୍ ମ୍ୟାକ୍‌ମିଲାନ୍ । ତାହା ଅବଶ୍ୟ ଥିଲା, ଏକ ଅନୁନ୍ନତ ରୂପ । ପରେ ପରେ ମତେ ଆହୁରି ଉପଯୋଗୀ ଓ ସୌଖୀନ କରିବା ପାଇଁ ସାରା ପୃଥିବୀର ବୈଜ୍ଞାନିକମାନେ ଦୃଷ୍ଟି ଦେଇଛନ୍ତି । ଏବେ ମୁଁ ସବୁ ଦେଶରେ ମିଳୁଛି ।

ସବୁଠୁ ବଡ଼ କଥା ହେଉଛି ମୁଁ ବ୍ୟାୟାମକାରୀ ଓ ପୂରା ପରିବେଶ-ଅନୁକୂଳ ଏକ ଯାନ । ମୁଁ ତ କହେ ପିଲା, ବୁଢ଼ା ସମସ୍ତଙ୍କର ମୁଁ ସାଙ୍ଗ । କ'ଣ ମିଛ କହିଲି?

●●●●

Digitized by srujanika@gmail.com

ଦାନ୍ତକାଠି



ମୋର କାମ ହେଲା ଦାନ୍ତ ସଫା କରିବା । ପ୍ରତି ଦିନ ଦାନ୍ତ ସଫା କରିବା ଯେ ଅତ୍ୟନ୍ତ ଜରୁରି, ସେ କଥା ଅନେକ ଜାଣନ୍ତିନାହିଁ । ଓଲଟି ସେମାନେ ଥଟ୍ଟା କରି କହନ୍ତି- ବାଘ, ସିଂହ କ'ଣ ଦାନ୍ତ ଘଷୁଛନ୍ତି? କିନ୍ତୁ ଦାନ୍ତ ସଫା ନ କରି ପଶୁମାନେ କ'ଣ ହଇରାଣ ହୁଅନ୍ତି, ମଣିଷ ସେ କଥା ଜାଣିବ କେମିତି?

ଦାନ୍ତ ସଫା ନ କଲେ ପୋକ କାଟିବା, ମାଢ଼ିରୋଗ ହେବା ଓ ମଳି ବସି ଅଳ୍ପ ଦିନରେ ଦାନ୍ତ ଝଡ଼ିପଡ଼ିବା ଭଳି ଫଳ ଫଳେ । ମନେ ରଖିବା

Digitized by srujanika@gmail.com

କଥା ଯେ ଦାନ୍ତର ଅଯତ୍ନ ଅନେକ ସମୟରେ ହୃଦ୍‌ରୋଗ ଆଡ଼କୁ ଯାଏ ଓ ଜୀବନ ନିଏ ।

ଦାନ୍ତ ଘଷିବା ଏକ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ଏବଂ ସେଇ କାମଟି ମୋ ଦ୍ୱାରା ସାଧିତ ହୁଏ । ମୁଁ କେବଳ ଦାନ୍ତର ଅନ୍ଦିକନ୍ଦିକୁ ଯାଇ ସଫା କରେନି, ନିଜକୁ ଦୁଇ ଫାଳ କରାଇ ପୁଣି ଜିଭ ଛେଲା ହେବାରେ ସାହାଯ୍ୟ କରେ । ପଶ୍ଚିମ ଦେଶମାନଙ୍କରେ ଅନେକ ଲୋକ ଜିଭ ଛେଲା କ'ଣ ଜାଣନ୍ତିନାହିଁ । ସେ କଥା ଶୁଣିଲେ ମତେ ଖୁବ୍ ହସମାଡ଼େ ।

ଭାରତରେ ମୁଁ ଖୁବ୍ ଲୋକପ୍ରିୟ । ସ୍ୱାସ୍ଥ୍ୟ ସଚେତନ ଲୋକେ ସକାଳ ହେବା ମାତ୍ରେ ମତେ ଲୋଡ଼ନ୍ତି । ମୁଁ ଗଛରୁ ସଂଗୃହୀତ ଏକ କାଠି । ଓଡ଼ିଶାରେ ବିଭିନ୍ନ ଗଛର ଡାଳ ଓ ଚେରରୁ ମୁଁ ସଂଗୃହୀତ ହୁଏ । ନିମ୍ବ, ଶାହାଡ଼ା, କରଞ୍ଜ, ଶାଳ, ଖଜୁରି ଆଦି ଗଛରୁ ମତେ ସଂଗ୍ରହ କରାଯାଏ । ପୁରୀ ଅଞ୍ଚଳରେ ଅନେକ ମତେ କିଆ ଚେରରୁ କାଠି ଭଳି ତିଆରି କରି କାମରେ ଲଗାନ୍ତି । ଗବ ଡାଳରୁ ମଧ୍ୟ ମତେ ସଂଗ୍ରହ କରାଯାଏ । ସ୍ଥଳ ବିଶେଷରେ ପିଜୁଳି, ଆମ୍ବ ଏପରି କି ସରୁ ବାଉଁଶକଣିରୁ ମଧ୍ୟ ପ୍ରସ୍ତୁତ କରି ମତେ ବ୍ୟବହାର କରାଯାଏ ।

ପ୍ରଥମେ ମତେ ଚୋବେଇ ଗୋଟେ ମୁଣ୍ଡକୁ ବ୍ରସ୍ ଭଳି କଲା ପରେ ଦାନ୍ତକୁ ଭଲ ଭାବରେ ଘଷିବା କାମ ମୁଁ କରେ । ବୁଢ଼ାମାନେ, ଯେଉଁମାନଙ୍କର ଦାନ୍ତ ନାହିଁ, ମାଢ଼ି ସଫା ଓ ଜିଭ ଛାଲିବା ପାଇଁ ମୋର ଗୋଟେ ମୁଣ୍ଡକୁ ଛେଚି ବ୍ରସ୍ ଭଳି ପ୍ରସ୍ତୁତ କରନ୍ତି ।

ପ୍ରକୃତରେ ମୋର ସବୁ ଠାରୁ ଭଲ ପ୍ରସ୍ତୁତିଟି ହୁଏ 'ମୂତୁରି ଗଛରୁ' । ଏହା ଏକ ଜଙ୍ଗଲୀ ଲତା । ଏହାର କାଠି ପ୍ରସ୍ତୁତ କରି ଚୋବାଇଲେ ଭଲ ରୁଆ ବାହାରି ବ୍ରସ୍ ପ୍ରସ୍ତୁତ ହୋଇଯାଏ । ଆମ ବଡ଼ଠାକୁର ଶ୍ରୀଜଗନ୍ନାଥଙ୍କ

Digitized by srujanika@gmail.com

ସକାଶେ ମୋର ଏଇ ପ୍ରକାରଟି ବ୍ୟବହୃତ ହୁଏ । ଆଜିକାଲି ଜଙ୍ଗଲ କ୍ଷୟ ଫଳରେ ମୃତୁରି ଗଛ ବିରଳ ହୋଇଗଲାଣି ।

ଏବେ ସବୁଆଡ଼େ ମୋ ବଦଳରେ ପ୍ଲାଷ୍ଟିକ୍ ବ୍ରସ୍ ବ୍ୟବହାର ହେଉଛି । ଏ ବ୍ରସ୍ ଆଗରୁ ପଶୁ ହାଡ଼ରେ ଘୋଡ଼ା, ଘୁଷୁରି, ହଗ୍‌ର ବାଳ ବା ପକ୍ଷୀର ପର ଲଗାଇ ପ୍ରସ୍ତୁତ କରାଯାଉଥିଲା । ଫ୍ରାନ୍‌ସର ସମ୍ରାଟ ନେପୋଲିଅନ୍ ବୋନାପାର୍ଟ୍ ଯେଉଁ ବ୍ରସ୍ ବ୍ୟବହାର କରୁଥିଲେ ସେଥିରେ ଘୋଡ଼ାର ବାଳ ଲାଗିଥିଲା ।

କହାଯାଉଛି ଯେ ସପ୍ତମ ଅଷ୍ଟମ ଶତାବ୍ଦୀ ବେଳକୁ ଚିନାମାନେ କୁଆଡ଼େ ପ୍ରଥମେ ହଗ୍‌ର ବାଳ ଲଗେଇ ବ୍ରସ୍ ତିଆରି କରିବା ଆରମ୍ଭ କରିଥିଲେ । ଭାରତରେ କିନ୍ତୁ କେଉଁ ଅନାଦି କାଳରୁ ମୁଁ ରହିଆସିଛି । ମତେ ନିତ୍ୟକର୍ମର ସାମଗ୍ରୀ ଭାବରେ ଏକ ମୂଲ୍ୟବାନ୍ ପରିଚୟ ମିଳିଛି ।

••••

Digitized by srujanika@gmail.com

ଡାଏରି

ରାତି ବେଳ । ଦିନେ ଚିକ୍‌ଲି ଶୋଇବା ଆଗରୁ ଗୋଟେ ଛୋଟ ଖାତାରେ କ'ଣ ସବୁ ଲେଖୁଥିଲା । ଏତିକିବେଳେ ବଡ଼ ଭାଇ ଭିତରକୁ ପଶିଆସିଲେ । ଚିକ୍‌ଲି ଖାତାଟାକୁ ତକିଆ ତଳେ ଲୁଚେଇ ଦେଲା ।

ସେ କ'ଣ ଲୁଚେଇ ଦେଲା ଜଣିଛ? ମତେ ହିଁ ଲୁଚେଇ ଦେଲା ।

ମୋ ନାମ ଡାଏରି । ମୁଁ ଗୋଟେ ଛୋଟ ଖାତା, ଯେଉଁଥିରେ ଦିନଯାକର ଭଲ ମନ୍ଦ କାର୍ଯ୍ୟକଳାପ ଏପରିକି ଭାବନାର କଥା ମଧ୍ୟ ଲେଖି ରଖାଯାଏ । ମତେ କିଏ କହେ ଦିନଲିପି ତ କିଏ ଦିନପଂଜି । ପୁଣି କିଏ ରୋଜନାମଚା ନ ହେଲେ ଦୈନନ୍ଦିନୀ ।

Digitized by srujanika@gmail.com

ଏ ଡାଏରି ଲେଖିବା ଅଭ୍ୟାସ କିଏ ପ୍ରଥମେ ଆରମ୍ଭ କରିଥିଲେ ସେ କଥା କହିବା ମୁସ୍କିଲ୍ ।

ଡାଏରି ସାଧାରଣତଃ ଦୁଇପ୍ରକାରର । ବ୍ୟକ୍ତିଗତ ଡାଏରି ଓ ଆନୁଷ୍ଠାନିକ ଡାଏରି । ଜଣେ ବ୍ୟକ୍ତି ନିଜ ବିଷୟରେ ନିଜ ହାବଭାବର ଦିନଲିପି ଲେଖି ବସିଲେ ତାହା ହୁଏ ବ୍ୟକ୍ତିଗତ ଡାଏରି । ଯେତେବେଳେ କୌଣସି ଅନୁଷ୍ଠାନ, ସଂଗଠନ ଏପରିକି ରାଜ୍ୟର ଘଟନାକ୍ରମ ଦିନ ପରେ ଦିନ ତାରିଖ ଅନୁସାରେ ଲେଖାହୁଏ, ତାହା ପାଲଟେ ଆନୁଷ୍ଠାନିକ ଡାଏରି ।

ଓଡ଼ିଶାରେ ପୁରୀ ରାଜାଙ୍କର କାର୍ଯ୍ୟକଳାପ ଓ ଶ୍ରୀମନ୍ଦିରର ତଥ୍ୟାବଳୀ ଅତୀତକାଳରେ ମାଦଳାପାଞ୍ଜିରେ ଲେଖାହୋଇ ରହୁଥିଲା । ଆମେ ତେଣୁ ମାଦଳାପାଞ୍ଜିକୁ ଆନୁଷ୍ଠାନିକ ଡାଏରି ବୋଲି କହିପାରିବା । ଏଥିରେ ପୁରୀ ରାଜାଙ୍କର ଓ ଶ୍ରୀମନ୍ଦିରର କେତେ କେତେ ପୁରୁଣା କଥା ଲିପିବଦ୍ଧ ହୋଇ ରହିଥିଲା । କିନ୍ତୁ କେଉଁ ଓଡ଼ିଆ ବ୍ୟକ୍ତି ପ୍ରଥମେ ନିଜର ଡାଏରି ଲେଖା ଆରମ୍ଭ କରିଥିଲେ, ସେ କଥା ଗଭୀର ଖୋଜା ଲୋଡ଼ା ପରେ ହିଁ ଜଣାପଡ଼ିବ ।

ପୃଥିବୀର ଅନେକ ବିଖ୍ୟାତ ବ୍ୟକ୍ତି ନିଜର ଡାଏରି ଲେଖି ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଡାଏରି, ତଦାନିନ୍ତନ ସମୟର ଛବି ଦେବା ସହିତ ଯେଉଁ ବ୍ୟକ୍ତି ତାହା ଲେଖିଛନ୍ତି ତାଙ୍କ ଜୀବନର ଏକ ସତ୍ୟଶୀଳ ବିବରଣୀ ପ୍ରଦାନ କରେ । ଭାରତରେ ଡାଏରି ଲେଖିବା ଲୋକଙ୍କ ଭିତରେ ମହାତ୍ମା ଗାନ୍ଧୀ ଥିଲେ ଅନ୍ୟତମ । ଯେତେବେଳେ ତାଙ୍କର କାର୍ଯ୍ୟକଳାପ ଢେର୍ ବେଶି ବଢ଼ିଗଲା, ତାଙ୍କ ପାଇଁ ତାଙ୍କ ବ୍ୟକ୍ତିଗତ ସହାୟକ ତାହା ଟିପି ରଖି ତାଙ୍କୁ ଦେଖାଉଥିଲେ ।

କହାଯାଏ ଯେ ଦ୍ୱିତୀୟ ଖ୍ରୀଷ୍ଟାବ୍ଦର ଦ୍ୱିତୀୟ ଭାଗରେ ରୋମ୍‌ର ସମ୍ରାଟ

Digitized by srujanika@gmail.com

ମାର୍କସ୍ ଅରିଲସ୍ ଗ୍ରୀକ୍ ଭାଷାରେ ତାଙ୍କର ଡାଏରି ଲେଖି ରଖୁଥିଲେ । ଡାଏରି ଲେଖିବାରେ ସେ ବୋଧେ ପ୍ରଥମ ବ୍ୟକ୍ତି । ମାତ୍ର ସପ୍ତଦଶ ଶତାବ୍ଦୀ ଆରମ୍ଭରେ ଇଂଲଣ୍ଡର ସାମୁଏଲ୍ ପେପିସ୍ ତାଙ୍କର ଡାଏରି ଲେଖା ପାଇଁ ସାରା ପୃଥିବୀରେ ଖୁବ୍ ଜଣାଶୁଣା ହୋଇଗଲେ । ଠିକ୍ ସେଇ ସମୟରେ ଜନ୍ ଇଭେଲିନ୍ ନାମକ ଜଣେ ସମସାମୟିକ ବ୍ୟକ୍ତି ଇଂଲଣ୍ଡର ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ସହିତ ନିଜର ଜୀବନଚର୍ଯ୍ୟା ଲେଖି ବେଶ୍ ଚର୍ଚ୍ଚିତ ହୋଇଥିଲେ ।

ଡାଏରି ଲେଖାର ସବୁଠାରୁ ବଡ଼ କଥାଟି ହେଉଛି ଯେ ସେଥିରୁ ଜଣେ ବ୍ୟକ୍ତିର ମତାମତ ସହିତ ସେତେବେଳର ଘଟନା ସମ୍ପର୍କରେ ବହୁତ ଗୋପନକଥା ଜାଣିବାକୁ ମିଳିଥାଏ ।

ହେଲେ ଆମେମାନେ ଡାଏରି ଲେଖିଲେ ଦୁଇଟି ଲାଭ । ପ୍ରଥମଟି ହେଲା ସାରା ଦିନର ଘଟନାକୁ ମନେ ପକାଇ ଗୁରୁତ୍ୱପୂର୍ଣ୍ଣ ଘଟନା ଟିପିବା ଦ୍ୱାରା ଲେଖିବାର ଶୃଙ୍ଖଳା ସହିତ ଆମର ମନେରଖିବା ବ୍ୟାୟାମ ମଧ୍ୟ ହୋଇଥାଏ । ଦ୍ୱିତୀୟଟି ହେଲା ନିଜ କଥା ଲେଖିବା ଦ୍ୱାରା ଆମେ କରିଥିବା ଭୁଲ ବିଷୟରେ ସଚେତନ ହୋଇ ଆଉ ସେପରି ନ କରିବା ପାଇଁ ଆଗକୁ ଚେଷ୍ଟା କରିଥାଉ ।

ଡାଏରି ଲେଖିବା ସତରେ ଏକ ଚମତ୍କାର ଅଭ୍ୟାସ ।

●●●●

Digitized by srujanika@gmail.com

କାଠଚୁଲି

ସେ ଦିନ ସ୍କୁଲରେ ଦିଦି ପିଲାମାନଙ୍କୁ କହିଲେ, ''ଆଜି ଆମେ ଜାଳେଣି ବିଷୟରେ ପଢ଼ିବା । ଜାଳେଣି ବା ଇନ୍ଧନ ଯୋଗୁଁ ଶକ୍ତି ଉତ୍ପାଦନ ହୁଏ ଓ ସେଇ ଶକ୍ତି ବଳରେ ଅନେକ କାର୍ଯ୍ୟ ହାସଲ ହୁଏ । ମହମବତିରୁ ଆମେ ଯେଉଁ ଆଲୋକ ପାଉ ତାହା ମହମ ଜାଳେଣି ଯୋଗୁଁ ପାଉ । ସେମିତି କିରାସିନି ଜାଳେଣି ଯୋଗୁଁ ଲଣ୍ଠନ ଜଳେ, ଷ୍ଟୋଭ୍ ମଧ୍ୟ ଜଳେ ।

୨୦

Digitized by srujanika@gmail.com

ଏତିକିବେଳେ ମୁନୁ ଉଠିପଡ଼ି କହିଲା- ଦିଦି! ପେଟ୍ରୋଲ୍ ଜାଳେଣି ଯୋଗୁଁ ମୋଟର୍‌ଗାଡ଼ି ଚାଲେ। ଟୁକୁନି କଥା ଯୋଡ଼ି କହିଲା, ହଁ ଦିଦି ଡିଜେଲ୍ ଜାଳେଣି ଯୋଗୁଁ ଗାଡ଼ି, ମୋଟର୍, ଟ୍ରକ୍, ଟ୍ରେନ୍ ବି ଚାଲନ୍ତି।

ଜାଳେଣି ବିଷୟରେ ପିଲାମାନଙ୍କର ଆଗ୍ରହ ଦେଖି ଦିଦି ଖୁବ୍ ଖୁସି ହେଲେ। ସେଇଠୁ ସେ ମୋ କଥା କହି ବସିଲେ। କହିଲେ, ଅସଲ କଥା ତ ଭୁଲିଯାଉଚ! ତୁମେ ପ୍ରତିଦିନ କେତେ କେତେ ରନ୍ଧା ଜିନିଷ ଖାଇକରି ଆସୁଚ। ତାହା କାହା ଯୋଗୁଁ ସମ୍ଭବ ହେଉଛି? ମୁନୁ କହିଲା ଗ୍ୟାସ୍ ଚୁଲି, ଟୁକୁନି କହିଲା ଷ୍ଟୋଭ୍, ମଦନ କହିଲା ହିଟର୍। ସୁକାନ୍ତି କିନ୍ତୁ ଠିଆହୋଇ କହିଲା, ''କାଠଚୁଲି''।

ଦିଦି ପ୍ରକୃତରେ ମୋ ନାଁ ଟିକୁ ପିଲାମାନଙ୍କ ମୁହଁରୁ ଶୁଣିବାପାଇଁ ଚାହୁଁଥିଲେ। ସୁକାନ୍ତି ମୋ ନାଁ ଧରିବା ମାତ୍ରେ ସେ କହିଲେ, ''ସାବାସ୍''। ଆଜିକାଲି ବିଭିନ୍ନ ସ୍ଥାନରେ ନାନା ପ୍ରକାର ଇନ୍ଧନର ଚୁଲି ବ୍ୟବହାର ହେଉଥିଲେ ମଧ୍ୟ ''କାଠଚୁଲି'' ହିଁ ଅଧିକାଂଶ ସ୍ଥାନରେ ବ୍ୟବହୃତ ହେଉଛି।

ଏ କଥା ଶୁଣି ମୋ ମନ କୁଣ୍ଢେମୋଟ ହୋଇଗଲା। କେଉଁ ଅଜଣା କାଳରୁ ମୁଁ ମଣିଷମାନଙ୍କର ରୋଷେଇଘରେ, ଅଗଣାରେ ଏପରିକି ଖଳାବାଡ଼ିମାନଙ୍କରେ ଆସ୍ଥାନ ଜମେଇ ଆସିଛି। ବାହାରେ ମତେ ତିଆରି କରିବା ପାଇଁ କିଏ ଇଟାର ସାହାଯ୍ୟ ନିଏ ତ କିଏ ପଥରର। ବଣଭୋଜି କରିବାକୁ ଗଲେ କେଉଁଠୁ ପଥର ଯୋଗାଡ଼ କରି ମତେ ତିଆରି କରାଯାଏ। ଘରର ନିତିଦିନିଆ ରନ୍ଧାଠାରୁ ଆରମ୍ଭ କରି ଗୋରୁ ହାଣ୍ଡି ଉଷୁଁଇବା ବା ଧାନ ସିଝେଇବା ପାଇଁ ମତେ ଛୋଟ ବଡ଼ ଆକାରରେ ତିଆରି କରାଯାଏ। ମୋର ରୋଷେଇଘର ରୂପଟି କିନ୍ତୁ ବେଶ୍ ସୁନ୍ଦର। ମାଟିରେ

Digitized by srujanika@gmail.com

ତିଆରି ହୋଇଥିଲେ ବି ନିତି ଲିପା ପୋଛା କରି ପରିଷ୍କାର ଓ ଚିକ୍କଣ ରଖାଯାଏ । ମୋର ଅଛି ତିନୋଟି ଶୃଙ୍ଗ, ଯାହାକୁ ଝିଙ୍କା କହାଯାଏ । ତିନିପଟେ ତିନୋଟି ଝିଙ୍କା ଓ ମୁହଁ ସାମନାଟି ଗୋଲାକାରରେ ମେଲା । ସେଇବାଟେ ମୋ ଭିତରକୁ କାଠ ଜାଳେଣି ଭର୍ତ୍ତି କରାଯାଏ ।

ମୋତେ ଜାଳିବା ପାଇଁ ଶୁଖିଲା କାଠ ଦରକାର ପଡ଼େ । ବେଳେବେଳେ, ନିଆଁ ଧରେଇବା ପାଇଁ ମୋ ଭିତରର ନିଆଁଖୁଣ୍ଟାକୁ ଗୋଟିଏ ନଳାରେ ଫୁଙ୍କାଯାଏ । ତାକୁ କହନ୍ତି ଫୁଙ୍କୁନଳା ।

କଥାରେ କହନ୍ତି, ପେଟ ପାଇଁ ସବୁ ନାଟ । ଏଇ ପେଟ ପାଇଁ କେତେ ନା କେତେ ସୁସ୍ୱାଦୁ ଜିନିଷ ମୋ ଉପରେ ହାଣ୍ଡିକୁଣ୍ଡି, କଡ଼େଇ ରଖି ତିଆରି କରାଯାଏ, ତା'ର ହିସାବ ନାହିଁ । ହେଲେ ଆଜିକାଲି ମୋର ଲୋକପ୍ରିୟତା ଧୀରେ ଧୀରେ କମିବାରେ ଲାଗିଛି । କାରଣ ଜାଳିବା ଲାଗି କାଠ ବ୍ୟବହାର କରିବା ଫଳରେ ଜଙ୍ଗଲ ଉପରେ ହିଁ ମାଡ଼ ପଡ଼ୁଛି । ପୁଣି ଧୂଆଁରୁ ଅଙ୍ଗାରକାମ୍ଳ ବାହାରି ପରିବେଶକୁ ନଷ୍ଟ କରୁଛି । ତେଣୁ ବୈଦ୍ୟୁତିକ ଚୁଲା, ସୂର୍ଯ୍ୟ-ଚୂଲା, ଗ୍ୟାସ୍ ଚୁଲା ଓ ହଟ୍‌ପ୍ଲେଟ୍ ଆଦିର ଚାହିଦା ବଢ଼ିବାରେ ଲାଗିଛି ।

ତଥାପି ମୁଁ ଭାବୁଛି ମୋର ବ୍ୟବହାର ପୂରାପୂରି ହଜିଯିବନି । କିଛି ନ ହେଲେ ଘସିର ଜାଳେଣି ପୂରେଇ ଲୋକେ ମତେ ବ୍ୟବହାର କରିବେ ।

ସବୁଠୁ ମଜା କଥା ହେଲା ପୁଷି ବିଲେଇ ମୋର ବଡ଼ ସାଙ୍ଗ । ମୋ ଚାରିକଡ଼ ଉଷୁମ ରହୁଥିବାରୁ ସେ ମୋ ପାଖରେ ଶୋଇ ଗୁଡ଼ୁରୁଗାଡ଼ୁରୁ ହୁଏ ।

●●●●

Digitized by srujanika@gmail.com

ବଡ଼ି

ଓଡ଼ିଆମାନଙ୍କର ଗୋଟିଏ ବିଶେଷତ୍ୱ ହେଉଛି ସେମାନେ ଖାଦ୍ୟ-ପ୍ରିୟ । କିନ୍ତୁ ତା'ର ଅର୍ଥ ନୁହେଁ ଯେ ସେମାନେ ଦାମୀ ଖାଦ୍ୟ ଖାଇବାକୁ ଭଲପାଆନ୍ତି । ସହଜ, ସରଳ, ଅଥଚ ପାଟିସୁଆଦ ଖାଦ୍ୟ ସେମାନଙ୍କର ପସନ୍ଦ ।

Digitized by srujanika@gmail.com

କହାଯାଏ ଯେ ଗୋଟିଏ ଲୋକଗୋଷ୍ଠୀର ପରିଚୟ, ତା'ର ଖାଦ୍ୟ, ବେଶପଟା ଓ ଭାଷା ସାହିତ୍ୟରେ ସାମିଲ ହୋଇ ରହିଥାଏ । ଓଡ଼ିଆ ଖାଦ୍ୟ ସରଳ । ବଡ଼ି, ଆଚାର, ପିଠାପଣା, ଠୁକ୍‌ଠୁକା ଓ ବେସର, ସାକର, ମହୁର ତଥା ଘାଣ୍ଟଭଳି ତରକାରି ସବୁ ଦେଖିଲେ ଜଣାପଡ଼େ ଓଡ଼ିଆମାନେ କେବଳ ସରଳ ନୁହନ୍ତି, ସେମାନେ ସହଜ, ସାଧାରଣ ଓ କଳାପ୍ରିୟ ମଧ୍ୟ ।

ଏବେ ମୋ କଥା କହିବି । ମୋର ନାଁ ହେଲା ବଡ଼ି । ଓଡ଼ିଆ ବ୍ୟଞ୍ଜନରେ ମୋର ପ୍ରଭାବ କେତେ ତାହା ସହରଠାରୁ ଗାଁ ଯାଏ ପ୍ରସାରିତ । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ମତେ ସେମାନେ କହନ୍ତି ନାଡ଼ି, କାରଣ ମୋର ସ୍ୱରୂପ ସେଠି ନାଡ଼ ଭଳି ମୋଡ଼ିମୋଡ଼ିକା । ମତେ କିଏ ତରକାରୀ ବା ଘାଣ୍ଟରେ ପକାଇ ଖାଏ ତ କିଏ ଶାଗରେ ପକାଇ ଖାଏ । ଆଉକିଏ ମତେ ଚୂରି ପଖାଳ ସହିତ ତା'ର ମଜା ଉଠାଏ । ପଖାଳ ବଢ଼ା ହେବା ପୂର୍ବରୁ କେହି କେହି ଓଡ଼ିଆ ଫରମାସ୍ କରିବା ମୁଁ ଶୁଣେ- ''ପଖାଳ ସହିତ ମାଛ ଭଜା କରିଛ ଯେ ହେଲେ ଶାଗଭଜା, ବଡ଼ିଚୂରା କରିଛ ନା ନାହିଁ?'' ସତେ ଯେମିତି ଓଡ଼ିଆଙ୍କ ପଖାଳ ଖିଆ ସହ ମୁଁ ଅଙ୍ଗାଙ୍ଗୀଭାବରେ ଜଡ଼ିତ!

କେତେ ପ୍ରକାର ନାଁ ଅଛି ଜାଣିଛ ତ? କଖାରୁ ବଡ଼ି, ଫୁଲବଡ଼ି, ମଞ୍ଜିବଡ଼ି, ଆଖୁ ବଡ଼ି ଓ ରାଶିବଡ଼ି ଭେଦରେ ମୋର ନାମ ଅନେକ । ସେମିତି ମୋର ଆକାର ବି ଭଳିକି ଭଳି । ଛୋଟ, ବଡ଼, ଚେଟକା ଓ ନାଡ଼ ଭଳି । ମୋତେ ତିଆରି କରିବା ପାଇଁ ପାଣିକଖାରୁ ଅନ୍ତି ସହ ଦରକାର ହୁଏ ବଟାହୋଇଥିବା ବିରି । ବିରିକୁ ନୋଳରେ ନୋଳି ଯେତେ ଫଲଫଲିଆ କରାଯିବ ମୁଁ ସେତେ ସୁନ୍ଦର ଉତୁରିବି । ସେଇଥିପାଇଁ ମତେ ତିଆରି କରିବା ଆଗରୁ ବଟା ବିରିକୁ ବହୁତ ସମୟ ଫେଣେଇବା ପାଇଁ

Digitized by srujanika@gmail.com

ପଡ଼େ । ଏ କାମଟି ଗାଁ ଗହଳରେ ବୟସ୍କା ମା' ମାଉସୀମାନେ ଭାରି ସୁନ୍ଦର ଭାବରେ କରିପାରନ୍ତି । ଝୋଟି ପକାଇବା ଭଳି ଟିଣ, କୁଲା, ଡାଲା ବା ମସିଣା ଉପରେ ପରିଷ୍କାର ଧଳା କନା ପକାଇ ଯେତେବେଳେ ମତେ ଗଢ଼ାଯାଏ ତାହା ଦେଖିବାକୁ ଚମତ୍କାର ଲାଗେ । ମତେ ତିଆରି କଲାବେଳେ କହାଯାଏ ଯେ "ଅମୁକ ବଡ଼ି ପାରୁଛି ।" ଓଡ଼ିଆ ଭାଷାରେ ଏମିତି ବର୍ଣ୍ଣନା ପାଇଁ ମୁଁ ଖୁବ୍ ଗର୍ବ ଅନୁଭବ କରେ । ଥରେ ପାରିଦେବା ପରେ ମତେ ଖରାରେ ଶୁଖେଇ ସିଦ୍ଧ କରିବା ଦରକାର ପଡ଼େ । ଆଚାର ଭଳି ମୁଁ ଏକ ସୂର୍ଯ୍ୟରଶ୍ମୀ-ସିଦ୍ଧ ଖାଦ୍ୟପଦାର୍ଥ ।

ମତେ ନେଇ ଏବେ କେଉଁଠି କେଉଁଠି କ୍ଷୁଦ୍ର ସହାୟକ ଗୋଷ୍ଠୀମାନେ କାରଖାନା ବସେଇଲେଣି ।ବ୍ୟବସାୟ ବି ବେଶ୍ ଜମିଲାଣି । ଗାଁ ଗହଳରେ ତିଆରି କରି ଦୁଇପଇସା ରୋଜଗାର କରିବାର ପନ୍ଥା ବି ବାହାର କଲେଣି ।

ଏଇଠି ଗୋଟେ ଜାଣିବା କଥା । ସବୁ ବିରିରେ ମୁଁ ଭଲ ପ୍ରସ୍ତୁତ ହୋଇପାରେନା । କେନ୍ଦୁଝର ଅଞ୍ଚଳରେ ଏକ ପ୍ରକାର ବିରି ଚାଷ ହୁଏ ଯାହା କି ମୋର ପ୍ରସ୍ତୁତି ପାଇଁ ବେଶ୍ ଅନୁକୂଳ । ସେଥିପାଇଁ ସାରା ଓଡ଼ିଶାରେ କେନ୍ଦୁଝରର ବଡ଼ି ପ୍ରସିଦ୍ଧ । ମାନେ ମୁଁ କେନ୍ଦୁଝର ଅଞ୍ଚଳର ଏକ ବିଶିଷ୍ଟ ବସ୍ତୁ । ଏ ସବୁ କଥା ପିଲାମାନେ ଜାଣିଛନ୍ତି କି ନାଇଁ କେଜାଣି!

●●●●

Digitized by srujanika@gmail.com

ମିଛିମିଛିକିଆ ରୋଷେଇ

ମୁଁ ପିଲାମାନଙ୍କର ଏକ ଖେଳ । ମତେ ନେଇ କେଉଁ ପୁରୁଣାକାଳରୁ ପିଲାମାନେ ଖେଳ ଖେଳନ୍ତି, ମଜା କରନ୍ତି । ସେମାନେ ସେତେବେଳେ ନିଜକୁ ବୟସ୍କ ମଣିଷ ବୋଲି ଭାବନ୍ତି । ବଡ଼ମାନେ ରୋଷେଇବାସ କଲାବେଳେ ଯେମିତି ଯାହା କରନ୍ତି, ପିଲାମାନେ ସେ ସବୁ ଅନୁକରଣ କରନ୍ତି ଓ ଏମିତି କରି ଢେର୍ ଆନନ୍ଦ ପାଆନ୍ତି ।

Digitized by srujanika@gmail.com

ଏବେ ଦିନେ ରୋଜି ଯାତରା ଦେଖି ଯାଇଥିଲା । ସେଠି ଦେଖିଲା ରୋଷେଇ କରିବା ପାଇଁ ଖେଳନା ଜିନିଷ ମିଳୁଚି । ସବୁ ପ୍ଲାଷ୍ଟିକ୍‌ରେ ତିଆରି । ହାଣ୍ଡି, କଡ଼େଇ, ପ୍ରେସର୍ କୁକର୍, ଚଟୁ, ଜାଲିଚଟୁ, ଥାଳି, ଗିନା, ଗିଲାସ, କପ୍, ପ୍ୟାନ୍ ଏପରିକି ଗ୍ରାଇଣ୍ଡର୍ ମଧ୍ୟ । ସେ ସବୁ ଦେଖିବାମାତ୍ରେ ତା'ର ଆଖି ଦୁଇଟା ବଡ଼ ବଡ଼ ହୋଇଗଲା । ସେ ପାଟି କରି କହିଲା- "ବାପା, ମୋର ଏଇ ରୋଷେଇ ଖେଳଣା ଦରକାର ।"

ବାପା ପ୍ରଥମେ ନାହିଁ କରୁଥିଲେ, କିନ୍ତୁ ରୋଜିର ଜିଦ୍ ଦେଖି ତା'ପାଇଁ କିଣି ଦେଲେ । ରୋଷେଇବାସର ଜିନିଷ ଥିବା ପ୍ୟାକେଟ୍‌ଟି ଧରି ରୋଜି ଘରକୁ ଫେରିବାବେଳେ ଗୋଡ଼ ତା'ର ତଳେ ଲାଗୁ ନ ଥାଏ ।

ତା'ର ମନେ ପଡ଼ିଲା ତିନିଦିନ ତଳେ ସେ ପଛପଟ ବାରଣ୍ଡାରେ ମିଲି ସହିତ ମୋ ଖେଳ ଖେଳୁଥିଲା, ମାନେ ମିଛିମିଛିଆ ରୋଷେଇ ଖେଳ ଖେଳୁଥିଲା । ମାମୁଘରୁ ରୋଜି ବିରିଆନି ଖାଇ ଆସିଥିଲା ଗତ ଛୁଟିରେ । ସେ ମିଲିକୁ କହିଲା ଆଜି ବିରିଆନି ରାନ୍ଧିବା । ମିଲି ବିରିଆନି ରନ୍ଧା ଜାଣି ନ ଥାଏ । ତେଣୁ ସେ କହିଲା, ମତେ ତ ଜଣା ନାହିଁ, ତୁ ରାନ୍ଧେ ମୁଁ ପାଣି ଆଣି ଦଉଚି । ସେଇଠୁ ମିଲି ଗୋଟେ ଟିଣ ଡବାରେ ପାଣି ଆଣି ଆସିଲା । ରୋଜି କହିଲା ବିରିଆନି ପାଇଁ ମାଉଁସ ଦରକାର, ବାଇଶି ପ୍ରକାର ମସଲା ଦରକାର, ପୁଣି ତା ସଙ୍ଗକୁ କଚୁମ୍ବର କରିବା ପାଇଁ କାକୁଡ଼ି ଆଉ ଦହି ଆଣିବାକୁ ପଡ଼ିବ ।

ସଙ୍ଗେ ସଙ୍ଗେ ମିଲି ଦଉଡ଼ିଯାଇ ଗୋଟେ ପେଷ୍ଟ୍‌ବୋର୍ଡ୍ କାଗଜକୁ ଖଣ୍ଡ ଖଣ୍ଡ କରି ମିଛିମିଛିକିଆ ମାଉଁସ କରିଦେଲା, କଇଁଚି କାକୁଡ଼ିକୁ ଗଡ଼ ଗଡ଼ କରି କାକୁଡ଼ି ବନେଇଲା, ତା ଦେହରେ ଧଳା ସାବୁନ୍ ପାଣିକୁ ଦହି କରି ଗୋଳେଇଦେଲା । ତେଣେ ଗୋଟେ ଶଢ଼େଇରେ କାଗଜର ମାଉଁସ

Digitized by srujanika@gmail.com

ପକେଇ ବାଲିରେ ଗୋଳି ଇଆଡୁ ସିଆଡୁ ପତର ପକେଇ ରୋଜି ବିରିଆନି କରିଦେଲା । ଶେଷକୁ ଗୋଟେ ପତରରେ ବଢ଼ା ହେଲା ବିରିଆନି ଆଉ ଗୋଟେ ମାଟି ସରାରେ ଢଳାହେଲା କଚୁମ୍ବର ।

ରୋଜି କହିଲା ବିରିଆନିଟା ଅଧିକ ରାଗ ହୋଇଗଲା । ମିଲି କହିଲା, ବେଶି ଲଙ୍କା ପକେଇଦେଲୁ କି? ରୋଜି କହିଲା, ନାଇଁ ଲୋ ଗୋଲମରିଚ !

ଏବେ ତ ବଢ଼ିଆ ରୋଷଇ ଜିନିଷ ଆସିଗଲା ।

ସେଦିନ ଉପରବେଳା ଖେଳିଲା ବେଳେ, ରୋଜି ଓ ମିଲି ଖେଚେଡ଼ି କଲେ, ଖିରି କଲେ, ଛେନା ତରକାରି କଲେ, ପୋଟଳ ରସା ମଧ୍ୟ କଲେ । ଗ୍ରାଇଣ୍ଡର୍‌ରେ ମିଛିମିଛିକିଆ ଲସି ବି କଲେ ।

ବାଃ, କେଡ଼େ ମଜା !

ଅନେକ ପିଲା ଏଇଭଳି ଖେଳନ୍ତି ମତେ । ମୋ ଖେଳ ପାଇଁ ବେଳେବେଳେ କିଛି ନ ଥାଇ ବି କାମ ଚାଲେ । ପିଲାମାନେ ବଡ଼ ମଣିଷଙ୍କ ପରି କେତେ କ'ଣ ରାନ୍ଧନ୍ତି ।

ସହରରେ ସିନା କମିଛି, ହେଲେ ଗାଁରେ ମୋ ଖେଳ ଏବେ ବି ଚାଲିଛି । କୁନି ଝିଅଟିଏ ମାଟିର ଟେଳାଏ ଆଣି କହିବ- "ବାପା ଲୋ, ନେ ମୁଁ ପିଠା କରିଚି ଖା' ।"

●●●●

Digitized by srujanika@gmail.com



ପଇଡ଼

ମତେ ନଡ଼ିଆର କିଶୋର ବା ଯୁବାବସ୍ଥା ବୋଲି କହିଲେ ଚଳିବ । ମୋର ରଙ୍ଗ ସାଧାରଣତଃ ସବୁଜ, କିନ୍ତୁ ଠାଏ ଠାଏ ମୁଁ ନାଲିଚିଆ ନ ହେଲେ କହରା ହଳଦୀ ରଙ୍ଗ ଧାରଣ କରେ ।

ନଡ଼ିଆର ପିଲାବେଳକୁ କହାଯାଏ ଗୋଟମା । ଗୋଟମା ଟିକେ ବଡ଼ ହେଲେ ମୋ ପରିଚୟ ପାଏ । ପୁଣି ମୋର ବୟସ ବଢ଼ିଲେ ମୁଁ ହୁଏ କଞ୍ଚରିଡ଼ ନଡ଼ିଆ ବା ନାଲି ନଡ଼ିଆ ତା'ପରେ ପାକଳ ନଡ଼ିଆ, ଶେଷକୁ

Digitized by srujanika@gmail.com

ଖୁକୁଡ଼ି ନଡ଼ିଆ । ସେତେବେଳକୁ ନଡ଼ିଆରେ ପାଣିର ନାଁ ଗନ୍ଧ ନ ଥାଏ । ଖାଲି ତେଲ ଭରା ଶୁଖିଲା ଶସ ।

ମୁଁ କିନ୍ତୁ ମୋ ଭିତରର ପାଣି ପାଇଁ ପ୍ରସିଦ୍ଧ । ନଡ଼ିଆର ଶସ ତିଆରିରେ ଏହି ପାଣି ହିଁ ହୋଇଥାଏ ପ୍ରଧାନ ସହାୟକ । ସବୁ ଖରାଦେଶରେ ମୋର ଚାହିଦା ଅନେକ । ବିଶେଷକରି ଭାରତ, ଦକ୍ଷିଣପୂର୍ବ ଏସିଆ, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ, ଆଫ୍ରିକା ଓ ଆର୍ବିଆନ୍ ଅଞ୍ଚଳରେ ମୁଁ ପ୍ରଚୁର ଭାବରେ ମିଳେ । କେଉଁଠି କିଏ ସିଧା କାଟି ଦେହକୁ କଣା କରି ମୋ ପାଣି ପିଏ ତ କିଏ ଗିଲାସରେ ବା ବୋତଲରେ ନଳୀ ଭର୍ତ୍ତି କରି ପିଏ । ଅନେକ ସ୍ଥାନରେ ଏ ପାଣିକୁ ଅତି ଚମତ୍କାର ଢଙ୍ଗରେ ପ୍ୟାକେଜିଂ କରି ମଧ୍ୟ ପରିବେଷଣ କରାଯାଏ ।

ଟିକେ ନାଳି ଲାଗିଗଲେ ଭିତର ପାଣିର ସ୍ୱାଦ ବଢ଼ିବା ସାଙ୍ଗକୁ ମୋ ଚାହିଦା ବି ବଢ଼ିଯାଏ । ନିମନ୍ତ୍ରିତ ଅତିଥିଙ୍କୁ ଆଦରର ସହ ମତେ ପରଷାଯାଏ । ଦୋକାନୀ ବା ବିକାଳୀମାନେ ଗରାଖ ଆଗରେ ମତେ ତଟକା କାଟି ପିଇବାକୁ ଦେଇ ବେଶ୍ ଦୁଇପଇସା ରୋଜଗାର କରନ୍ତି । ଆଜିକାଲି ପର୍ଯ୍ୟଟନସ୍ଥାନମାନଙ୍କରେ ଟିଣ, ବୋତଲ ସାଙ୍ଗକୁ ପଲିଥିନ୍ ଟେଟ୍ରା ପ୍ୟାକ୍‌ରେ ବି ମତେ ଗରାଖମାନଙ୍କୁ ବିକାଯାଉଛି । ମୋ ପାଣିକୁ ଠିକ୍ ଭାବରେ ବୋତଲରେ ସାଇତି ରଖିଲେ ତାହା ଦୁଇବର୍ଷ ପର୍ଯ୍ୟନ୍ତ ନଷ୍ଟ ନ ହୋଇ ରହିପାରେ ବୋଲି ବୈଜ୍ଞାନିକମାନଙ୍କର ମତ ।

ଏବେ ମୋ ପାଣିକୁ ଏକ ପ୍ରାକୃତିକ ଶକ୍ତି ପ୍ରଦାନକାରୀ ପାନୀୟ ବା କ୍ରୀଡ଼ାବିତ୍‌ଙ୍କ ପାନୀୟ ଭାବରେ ଗ୍ରହଣ କରାଗଲାଣି । କାରଣ ସେଥିରେ ଅଛି ଢେର୍ ପଟାସିୟମ୍ ସଙ୍ଗକୁ ଅନ୍ୟାନ୍ୟ ଖନିଜ ଦ୍ରବଣ । ସ୍ନେହସାର, ଶ୍ୱେତସାର, କ୍ୟାଲୋରି ଓ ସୋଡିୟମ୍ ଆଦି ମୋ ପାଣିରେ ଖୁବ୍ କମ୍

Digitized by srujanika@gmail.com

ପରିମାଣରେ ଥିବାରୁ ତାହାକୁ ଏକ ସ୍ୱାସ୍ଥ୍ୟକର ପାନୀୟର ମର୍ଯ୍ୟାଦା ମଧ୍ୟ ମିଳିଛି । ମୋର ତରଳ ପଦାର୍ଥଟି ଏତେ ଶୁଦ୍ଧ ଯେ ସାଲାଇନ୍ ମିଳୁ ନ ଥିବା ସ୍ଥାନରେ ଦେହର ଜଳୀୟ ଅଂଶକୁ ବଢ଼ାଇବା ପାଇଁ ଇଂଜେକ୍‌ସନ୍ ମାଧ୍ୟମରେ ତା'କୁ ମଣିଷ ଦେହରେ ମଧ୍ୟ ଦିଆଯାଉଛି ।

ମୁଁ ବେଶ୍ ଉପକାରୀ ।

ମାତ୍ର ଦୁଃଖର କଥା ଆଜିକାଲି ଲୋକେ ମୋ ପ୍ରତି ଗୁରୁତ୍ୱ ନ ଦେଇ କ୍ଷତିକାରକ ରଙ୍ଗିନ୍ ପାନୀୟ ପଛରେ ମାତିଛନ୍ତି । ବଡ଼ ବଡ଼ କମ୍ପାନିମାନେ ଏପରି କରି ପିଲାମାନଙ୍କର ମନ କିଣିବା ଦେଖି ମୋତେ ବଡ଼ କଷ୍ଟ ଲାଗୁଛି ।

ହେଲେ ସତକଥା ହେଲା, ମୁଁ ଜାଣିବା ଶୁଣିବା ଲୋକଙ୍କର ଏକ ପ୍ରିୟ ଖୋଜାଲୋଡ଼ା ପଦାର୍ଥ ।

••••

Digitized by srujanika@gmail.com



ଛତୁ

ମୋ ନାଁ 'ଛତୁ' । 'ଛତୁଆ' ନୁହେଁ ଛତୁ । କାରଣ ଓଡ଼ିଶାରେ କେଉଁଠି କେଉଁଠି ଛତୁଆକୁ ଛତୁ ବି କହନ୍ତି ।

ମୁଁ ଏତେ ପ୍ରକାରର ଯେ ସେ ବିଷୟରେ କହିଲେ ବିରାଟ ବହିଟାଏ ହେବ । ଗୋଟିଏ ବଡ଼ କଥା ହେଉଛି ମୋର ଯେତେ ଯେତେ ପ୍ରକାର ଅଛି ସେ ସବୁ ଖାଇବାଯୋଗ୍ୟ ନୁହେଁ । କେତେକ ଖାଇବା ପାଇଁ ପୂରାପୂରି ଅନୁପଯୁକ୍ତ କାରଣ ସେଥିରେ ମଣିଷର କ୍ଷତି କଲା ଭଳି ରାସାୟନିକ

Digitized by srujanika@gmail.com

ବିଷ ଭରି ରହିଛି । ତେଣୁ ରୋଷେଇ କରି ଖାଇବାଯୋଗ୍ୟ କରିବା ପୂର୍ବରୁ ମୋର ଠିକ୍ ପ୍ରକାରଟି ବଛା ହୋଇଛି କି ନା ଜାଣିବା ଦରକାର । ଓଡ଼ିଶାରେ ପାଳଛତୁ, ହୁଙ୍କାଛତୁ, ମଉଳାଛତୁ, ବାଉଁଶଛତୁ, ଜାମୁଛତୁ ଓ ବାଲିଛତୁ ଆଦି ନାଁରେ ମୁଁ ସାଧାରଣତଃ ପରିଚିତ ।

ପୂର୍ବେ କେବଳ ବର୍ଷାଦିନେ ମୁଁ ଦେଖା ଦେଉଥିଲି । ମୋର ମଉଳାଛତୁ ପ୍ରକାରଟି ଶରତ ଶେଷ ଆଡ଼କୁ ବିଲ ହୁଡ଼ା ବା ଖାଲୁଆ ମାଟି ସ୍ଥାନରେ ଦେଖାଦିଏ । ମଉଳା ଅମାବାସ୍ୟା ବେଳକୁ ମୁଁ ମୁହଁ ଦେଖାଏ ବୋଲି ମୋର ନାମଟି ଏମିତି ହୋଇଛି ।

ମଜାକଥା ହେଲା, ମୁଁ ମାଟି ଉପରେ ଯେମିତି ଉଠେ, ମାଟି ଫଟେଇ ସେମିତି ଭିତରେ ବି ଉଠେ । ଏଇ ମଉଳା ଛତୁ ବା ନାଡ଼ି ଛତୁ ପ୍ରକାରଟି ମାଟି ଭିତରେ ବେଳେବେଳେ ଦେଖାଦିଏ । 'ନାଡ଼ ଛତୁ' ନାଁ ଟି ଏମିତି ହୋଇଛି କାରଣ ସେ ରୂପରେ ମୋର ନାଡ଼ଟି ବେଶ୍ ବଡ଼ ।

ମୋର ରୂପ କହିଲେ ଗୋଟିଏ ନାଡ଼ ବା ବେଣ୍ଟ ଏବଂ ତା'ଉପରେ ଗୋଟେ ଛତା ଭଳି ଦିଶୁଥିବା ମାଂସଳ ବନ୍ ବା ଛୋଟ ପିଠା । ବିଦେଶରେ ମୋ ରଙ୍ଗ ଦେଖିଲେ ତୁମର ଆଖି ଖୋସି ହୋଇଯିବ । କେତେକରେ ଛତା ନ ଥାଇ ଥାଏ ଗୋଟାଏ ଗୋଲ୍ ପେଣ୍ଡୁ । ସେଥିରୁ ଅଧିକାଂଶ କିନ୍ତୁ ବିଷୁଆ ।

ମୋତେ ତୁମେ ଭାଜି, ବେସର କରି, ମସଲା ଝୋଳ କରି, ଆମ୍ବିଳ କରି ଏପରି କି ଜୀରାପିଠୋଉ ଗୋଳେଇ ବରା କରି ତାଓ୍ୱାରେ ଭାଜି ଖାଇପାର । ଆଜିକାଲି ମୋ ସହ ମିଶାଇ କେତେ ରୋଚକ ଢଙ୍ଗରେ ଖାଦ୍ୟ-ବ୍ୟବସାୟୀମାନେ ନାଁ ଦେଲେଣି । କିଏ କହୁଛି "ଛତୁ ସରଗମ୍" ତ କିଏ କହୁଚି "ଛତୁ ଦୋପିଆଜା" । ହେଲେ ସବୁଠାରୁ ଅଧିକ ସ୍ୱାଦ

Digitized by srujanika@gmail.com

ରହିଛି ମୋର ପତରପୋଡ଼ାରେ । କଅଁଳ ବୋଇତିକଖାରୁ ପତର ଭିତରେ ପାଞ୍ଚ ସାତ ପରସ୍ତ ତଳେ ମୋ ସହିତ ବେସର ସାଙ୍ଗକୁ ଟିକିଟିକି ବିନ୍, ଝୁଲଣ, ଆଳୁ ଆଦି ପରିବା ବେସରରେ ଗୋଳେଇ ରଡ଼ନିଆଁରେ ପୋଡ଼ିଦେଲେ ସେ ସୁଆଦ ପାଟିରୁ ଛାଡ଼େନି । ଯିଏ ମୋର ସେ ସୁଆଦ ଚାଖିନି ସେ ଓଡ଼ିଆ ନୁହଁ ବୋଲି ମୁଁ କହିବି । ମୋର ସେ ଭଳି ତିଅଣକୁ କେହି କେହି କହନ୍ତି ''ଛତୁବେସର ଠୁକ୍ଠୁକା'' ।

ମୁଁ ବର୍ଷାଦିନିଆ ଚିଜ । ହେଲେ ଅନ୍ୟ ଋତୁରେ ବି ମୋର ପାଳଛତୁ ପ୍ରକାର ସହିତ ବଟମ୍ଛତୁ ଓ ଧିଙ୍ଗ୍ରାଛତୁ ରୂପ ଚାଷ ହୋଇ ଏବେ ପ୍ରଚୁର ପରିମାଣରେ ମିଳୁଛି । ମୁଁ ଏକପ୍ରକାର ଖାଇବାଯୋଗ୍ୟ ଫିମ୍ପି ବା ଫଙ୍ଗସ୍ । ମୋ ଦେହର ଖାଦ୍ୟ କ୍ୟାଲୋରି ବହୁତ କମ୍ ଓ ତା'ସଙ୍ଗକୁ ଅଛି ଭିଟାମିନ୍ ବି, ସି, ସୋଡିୟମ୍, ପଟାସିୟମ୍, ସେଲେନିୟମ୍ ଓ ତମ୍ବା ଇତ୍ୟାଦି । ମୋ ଦେହରେ ସୂର୍ଯକିରଣ ପଡ଼ିଲେ ମୁଁ ଭିଟାମିନ୍ ଡି ବି ପ୍ରସ୍ତୁତ କରେ ।

ଆଗରୁ ଲୋକ ମତେ ନେଇ ବୋଲୁଥିଲେ- ''ଅମଞ୍ଜି ମଞ୍ଜା, ମଞ୍ଜି ନାଇଁ ସେ ତ ଶୂନ୍ୟରୁ ଗଜା'' । ମୁଁ କିନ୍ତୁ ଶୂନ୍ୟରୁ ଆସିନି । ଆଜିକାଲି ମୋ ମଞ୍ଜି, ବୋତଲରେ କିଣିବାକୁ ମିଳୁଛି, ଜାଣିଛ ନା ନାଇଁ?

●●●●

Digitized by srujanika@gmail.com

ଦୋଳି

ମୋ ନାଁ ଦୋଳି । ପିଲାମାନଙ୍କର ମୁଁ ଖୁବ୍ ପ୍ରିୟ ।

ଅତି ସାନ କାନ୍ଦୁରା ପିଲା ବି ମୋ କୋଳକୁ ଆସିଲେ ଚୁପ୍ ହୋଇଯାଏ । ସେଥିଲାଗି, ଛୋଟପିଲାଙ୍କ ପାଇଁ ମୋ ପ୍ରକାରିଆ ଖଟ ବା ପିଢ଼ା ତିଆରି କରାଯାଏ, ଯାହାକୁ କହନ୍ତି ଝୁଲଣା ଖଟ । ଯାହାର ଖଟଟିଏ ବା ପିଢ଼ା ଗଢ଼ିବାର ସୁବିଧା ନାହିଁ ସେ ଖଣ୍ଡେ ଲୁଗାକୁ ଏପଟେ ସେପଟେ ବାନ୍ଧି ମତେ ତିଆରି କରେ ।

Digitized by srujanika@gmail.com

କେବଳ ଛୋଟପିଲା ନୁହନ୍ତି, ବୟସ୍କ ଲୋକ ବି ମୋ ଉପରେ ବସି ଝୁଲା ଝୁଲିବାକୁ ଭଲ ପାଆନ୍ତି । ତେଣୁ ଅନେକ ଘରେ ସୁନ୍ଦର କରି ମତେ ଝୁଲେଇ ରଖିଥା'ନ୍ତି । ରାଜସ୍ଥାନ ଓ ଗୁଜରାଟରେ ଅଧିକାଂଶ ଘରେ ମୁଁ ଏକ ନିତିଦିନିଆ ବସିବା ଜାଗା । ବୁଢ଼ାବୁଢ଼ୀ ବି ଗପ ଜମେଇବା ପାଇଁ ମୋ ଉପରେ ବସି ଝୁଲନ୍ତି ।

ତେବେ ଓଡ଼ିଶାରେ ମୋର ସବୁଠୁ ଅଧିକ ଗୁରୁତ୍ୱ ବଢ଼େ ଦୁଇଟି ତିଥିରେ । ଗୋଟିଏ ହେଲା ରଜ ସଂକ୍ରାନ୍ତି ଓ ଅନ୍ୟଟି ହେଲା ଝୁଲଣ ପୂର୍ଣ୍ଣିମା । ଏଇ ସମୟରେ ମତେ ଓଡ଼ିଶାର ଅନେକ ସ୍ଥାନରେ ଲୋକେ ଦେଖନ୍ତି । ବିଶେଷ କରି ରଜ ସମୟରେ କାଟ୍‌ତି ବହୁତ । ମୋର କେତେ ପ୍ରକାରର ରୂପ, ମତେ ନେଇ କେତେ ଗୀତ, ସେ ସବୁ ଶୁଣିଲେ ଦେହ ଶୀତେଇ ଯାଏ । ''ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ ।'' ପିଲାଛୁଆ ଯୁବକ ଯୁବତୀ ତ କୁରୁଳି ଉଠନ୍ତି ମୋ ଉପରେ ବସିଲେ ।

ଓଡ଼ିଶାରେ ରଜ ପର୍ବ ଜ୍ୟେଷ୍ଠ ମାସରେ ପଡ଼େ । ଗ୍ରୀଷ୍ମର ଶେଷ ସମୟ । ମାଟି ଶୁଖି ଧୂ ଧୂ । କେଉଁଠି କେଉଁଠି ଅସରାଏ ଦୁଇ ଅସରା ବର୍ଷା ବି ହୋଇଯାଇଥାଏ । ଏତେବେଳେ ଯେଉଁ ଗୁଳୁଗୁଳି ସେ କଥା କିଆଁ କହିବି! ପୂନିଅଁ ପରବର ବିଧିବିଧାନ କରିଥିବା ଓଡ଼ିଆମାନେ କେଉଁ ପୁରୁଣା କାଳରୁ ସେଥିପାଇଁ ରଜ ଉତ୍ସବ ସହିତ ମତେ ଯୋଡ଼ି ଦେଇଛନ୍ତି । ମୋ ଉପରେ ବସିଲେ ଖିଲିଖିଲି ପବନ ବାଜେ । ମନ ଉଲ୍ଲସି ଉଠେ । 'ପହଞ୍ଚେଇବା', 'ପହଞ୍ଚାଣ', 'ଠିଆକାତ', ଚକିରି ମୋଡ଼', 'ପହଣା ପହଣି' ଏମିତି କେତେ କ'ଣ ଶବ୍ଦ ଲଗେଇ ମୋ ଉପରେ ଖେଳ ଚାଲେ । କେନ୍ଦୁଝରର ବଣଭୂଇଁ ଇଲାକାରେ ମୋର ପ୍ରକାର ସବୁ ଦେଖିଲେ ମୁଁ

Digitized by srujanika@gmail.com

ନିଜେ ଆତ୍ମହରା ହୋଇପଡ଼େ । କିଏ ଗଛରୁ ଲମ୍ବା ଦୋହରି ବାଉଁଶ ଲଗେଇ ମତେ ଗଢ଼େ ତ କିଏ ଦୋହରି ଦଉଡ଼ି ଲମ୍ବେଇ । ପୁଣି କିଏ ଗୋଟିକିଆ ଲମ୍ବା ବାଉଁଶ ତଳେ କାଠି ଦେଇ । ଭୂଇଁରେ ଚକ ବସେଇ ବା ଖୁଣ୍ଟପୋତି, ତା'ଭିତରେ ଅଖ ପୂରେଇ କେତେ ବାଗରେ ମତେ ଗଢ଼ି ମଜା ନିଅନ୍ତି ମଣିଷମାନେ । ଯିଏ କିଛି ନ ପାରେ ସେ ବର ଓହଳରୁ ଝୁଲି ମୋର ମଜା ନିଏ । ଖାଲି କ'ଣ ମଣିଷ ମତେ ଖେଳେ? ମାଙ୍କଡ଼ଠାରୁ ଆରମ୍ଭ କରି ଗୁଣ୍ଡୁଚିମାନେ ବି ମୋ ଖେଳ ଖେଳନ୍ତି ।

ଏବେ ବଡ଼ ବଡ଼ ମେଳାମାନଙ୍କରେ ମୋର କେଡ଼େ କେଡ଼େ ରୂପ ତିଆରି ହେଉଛି । ତାକୁ କହୁଛନ୍ତି 'ମେରି ଗୋ ରାଉଣ୍ଡ୍' ମାନେ ଘୂରିଘୂରି ଦୋଳ ଖେଳିବା । ମୁଁ କେତେ କାଳର ପୁରୁଣା ସେ କଥା କେହି କହିପାରିବେନି । ନିଜେ ଭଗବାନ୍ ଶ୍ରୀକୃଷ୍ଣ ପରା ପିଲାବେଳୁ ବଡ଼ ହେଲାଯାଏ ମୋ ଉପରେ ବସି କେତେ ମଜା କରିଛନ୍ତି! ଛୋଟବେଳେ ଯଶୋଦା ମା' ମୋ ଦେହରେ ତାଙ୍କୁ ଶୁଆଇ ଗୀତ ଗାଉଥିଲେ । ସେ କଥା ଆଜି ବି ଅପାଶୋରା ।

●●●●

Digitized by srujanika@gmail.com

ଇଟା



ମୋ ନାଁ ଶୁଣି ତୁମକୁ ହସ ମାଡୁଥିବ। ଗୋଟାଏ ସାଧାରଣ ଜିନିଷ, ତା'ର ପୁଣି କ'ଣ କହିବାର ଅଛି? କିନ୍ତୁ ସତ କହିବାକୁ ଗଲେ ମୁଁ ଯେମିତି ସାଧାରଣ ସେମିତି ବି ଅସାଧାରଣ।

ସେ ଦିନ ପିଣ୍ଟୁ, ଲିଟୁ, ପୁପୁନ୍, ଟୁକୁନା ଆଦି କ୍ରିକେଟ୍ ଖେଳିବାକୁ ବାହାରିଲେ। ବଲ୍ ଅଛି, ବ୍ୟାଟ୍ ଅଛି,ହେଲେ ଉଇକେଟ୍ କାହିଁ? ସେଇଠୁ ପୁପୁନ୍ ଯାଇ ମୋର ତିନିଟା ଅଭଙ୍ଗା ଖଣ୍ଡ ନେଇ ଆସିଲା। ଠିଆ ବର୍ଗରେ ଗୋଟିକ ଉପରେ ଗୋଟିଏ ରଖି କହିଲା, ଇଏ ହେଲା ଉଇକେଟ୍, ଖେଳ ଆରମ୍ଭ କର।'' ସେ ଏତିକି କହୁକହୁ ମୋର ତିନିଖଣ୍ଡଯାକ ଦୁଲ୍‌ଦାଲ୍ ଗଡ଼ିପଡ଼ିଲା।

Digitized by srujanika@gmail.com

କାରଣ ମତେ ଯୋଡ଼ିରଖିବା ଲାଗି କିଛି ଜିନିଷ ନ ଥିଲା। ସମତଳ ଜାଗା ହୋଇଥିଲେ ତିନିଖଣ୍ଡଯାକ ଉପର ତଳ ହୋଇ ରହିପାରିଥା'ନ୍ତେ। ମତେ ଯୋଡ଼ିରଖିବା ପାଇଁ ଦରକାର ଅଠା ବା ମସଲା। ଏହା ମାଟି କାଦୁଅ ଠାରୁ ଆରମ୍ଭ କରି ବାଲି, ସିମେଣ୍ଟ୍ ବା ଗୁଡ଼, ଚୂନର ମସଲା ହୋଇପାରେ। ଆଜିକାଲି ଗାନ୍ଥିନି କରି ଯୋଡ଼ିବା ଲାଗି ପ୍ରାୟ ସବୁଠାରେ ବାଲି ସିମେଣ୍ଟ୍ ବ୍ୟବହାର କରାଯାଉଛି। ସେଥିରେ କେଡ଼େ କେଡ଼େ ଖମ୍ବ, କାନ୍ଥ, ଅଟ୍ଟାଳିକା, ପ୍ରାସାଦ ଓ ପାଚେରି ତିଆରି ହେଉଛି ଦେଖିଲେ ତୁମ ଆଖି ଖୋଷିହୋଇଯିବ।

ମୁଁ ପହିଲେ ପହିଲେ କେବଳ କଞ୍ଚାମାଟିରେ ଗଢ଼ାହୋଇ ଶୁଖିଗଲା ପରେ ବ୍ୟବହାରଯୋଗ୍ୟ ହେଉଥିଲି। ତାହା ପରେ ଆସିଲା ମୋର ପୋଡ଼ା ରୂପ। ମାଟି ଓ ବାଲି ଭାଗମାପରେ ମିଶ୍ରଣ କରି ଆଗ ଛାଞ୍ଚରେ ଗଢ଼ାଯାଏ। ଶୁଖିଗଲା ପରେ ଭାଟିରେ ପୂରେଇ ପୋଡ଼ାଯାଏ। ଏ ପୋଡ଼ିବା କେଉଁଠି କାଠ ଉପଯୋଗ କରି କରାଯାଏ ତ କେଉଁଠି କୋଇଲା ଜାଳି କରାଯାଏ। ମୋର ଏହି ପୋଡ଼ା ରୂପ ବେଶ୍ ଲୋକପ୍ରିୟ। ଗୋଟାଏ ମାନକ ରୂପରେ ମୁଁ ସବୁଆଡ଼େ ମିଳେ। କେଉଁଠି କେଉଁଠି ସେରାମିକ୍‌ରେ ଗଢ଼ାଯାଇ ମଧ୍ୟ କାମରେ ଲଗାଯାଏ। ଟାଇଗ୍ରିସ୍ ନଦୀର ଉପର ଅଞ୍ଚଳରେ 'ଟେଲ୍ ଅସ୍ୱାଦ୍' ନାମକ ସ୍ଥାନରେ ମୋର ଖ୍ରୀଷ୍ଟ ପୂର୍ବ ୭୫୦୦ ବର୍ଷ ତଳର ରୂପ ମିଳିଛି ବୋଲି ପ୍ରତ୍ନତତ୍ତ୍ୱବିଦ୍‌ମାନେ କହୁଛନ୍ତି। ଖ୍ରୀଷ୍ଟ ପୂର୍ବ ୬୫୦୦ ବେଳକୁ ମୁଁ ଜୋର୍ଡାନ୍ ନଦୀର ପଶ୍ଚିମ ତଟସ୍ଥ ଜେରିକୋ ତଥା ସିନ୍ଧୁ ଉପତ୍ୟକାର ବୁହେନ୍, ମହେଞ୍ଜୋଦାରୋ, ହରପ୍ପା ଓ ମେହେରଗଡ଼ ଆଦି ଇଲାକାରେ ବ୍ୟବହୃତ ହେଉଥିଲି।

ମୁଁ କେତେ ପ୍ରାଚୀନ ଜାଣିପାରୁଛ ତ?

Digitized by srujanika@gmail.com

ମୋର ପୋଡ଼ା ରୂପ ବ୍ୟବହାର କରିବାରେ ରୋମାନ୍‌ମାନେ ଥିଲେ ସବୁଠୁ ଆଗରେ। ତାହା ପରେ ଜର୍ମାନ୍ । ତେଣିକି ସାରା ଇଉରୋପ୍‌ରେ ମୁଁ ଘର ତିଆରି ବା କୌଣସି ନିର୍ମାଣ କାର୍ଯ୍ୟ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ଭାବରେ ବ୍ୟବହୃତ ହେବାରେଲାଗିଲି । ଏବେ ନ ପୋଡ଼ି ପଥରଗୁଣ୍ଡ ଓ ସିମେଣ୍ଟ ଦେଇ ମୁଁ ତିଆରି ହେଉଛି । ମତେ କହୁଛନ୍ତି 'ଆସ୍‌କ୍ରିକ୍' ବା 'ପାଉଁଶ-ଇଟା' ।

ଏବେ ବି ମୋର ଚାହିଦା ସାରା ବିଶ୍ୱରେ ଲାଗିରହିଛି । ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ ଯେ ସରକାର ଓ ଧନୀ ଲୋକେ ରୁପା ଓ ସୁନାକୁ ମୋ ରୂପ ଦେଇ ସାଇତି ରଖୁଛନ୍ତି । ଏବେ ଜାଣିଲ ତ ମୁଁ କେତେ ଅସାଧାରଣ?

●●●●

Digitized by srujanika@gmail.com

ମୋବାଇଲ୍

କୁନି କ'ଣ ଗୋଟେ ଧରି ଚୁପ୍‌ଚାପ୍ କରୁଥିଲା। କ'ଣ କରୁଛୁ ବୋଲି ମାଆ ପଚାରିଲେ। କୁନି କହିଲା- ମୁଁ ପରା ଗେମ୍ ଖେଳୁଛି ମୋବାଇଲ୍‌ରେ! ହଁ, ମୁଁ ମୋବାଇଲ୍। ମୋତେ ଛୋଟ ଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ବ୍ୟବହାର କରନ୍ତି।

ଆଜିକାଲି ମୋର ବେଶ୍ ଚାହିଦା। ଯାହାକୁ ଦେଖିବ ସମସ୍ତଙ୍କ ପକେଟ୍‌ରେ ଓ ବ୍ୟାଗ୍‌ରେ ମୁଁ ଥାଏ। ମୋତେ କିଣିବା ପାଇଁ ଲୋକେ ଭାରି ଭଲ ପାଉଛନ୍ତି। କାରଣ ମୁଁ ଦୂରତା କମେଇପାରେ। ଯେମିତି ଟିଣ୍ଟୁ ତା ସାଙ୍ଗ ସହ ଖିରାଛୁଟିରେ ମୋ ସାହାଯ୍ୟରେ ହିଁ କଥା ହେଉଥିଲା। ମୋତେ ସମସ୍ତେ ଭଲପାଆନ୍ତି। ବେଳେବେଳେ ମୋ ପାଇଁ ଘରେ ଭାଇ ଭଉଣୀଙ୍କ ଭିତରେ କଳି ମଧ୍ୟ ହୁଏ।

ପିଲାମାନେ ମୋତେ ଧରି ଗୀତ ଶୁଣନ୍ତି ଓ ଗେମ୍ ଖେଳନ୍ତି । ମୋ ଭିତରେ ବହୁତ ଉପାଦେୟ ଜିନିଷ ଅଛି; ଯେମିତିକି କ୍ୟାଲେଣ୍ଡର୍,

Digitized by srujanika@gmail.com

କାଲ୍‌କୁଲେଟର୍, ଖେଳ, ଇଣ୍ଟର୍‌ନେଟ୍ ଇତ୍ୟାଦି । ସେଥି ପାଇଁ ମୁଁ ସମସ୍ତଙ୍କ ପସନ୍ଦ। ଲୋକମାନେ ମୋତେ ଧରି ଗପନ୍ତି । ଆଉ ଏତେ ଗପନ୍ତି ଯେ ବେଳେବେଳେ ମୁଁ ତାତି ଯାଏ । ପୁଣି କେତେକ ମୋତେ ଟିପି ମେସେଜ୍ ବି କରନ୍ତି । ଜଣେଜଣେ ଏତେ ଜୋର୍‌ରେ ଟିପନ୍ତି ଯେ, ମୋତେ ଭାରି କଷ୍ଟ ହୁଏ । ହେଲେ କ'ଣ କରିବି, ଏଥି ପାଇଁ ତ ମୋର ଜନ୍ମ! ଅନେକ ସମୟରେ ମୁଁ କୌଣସି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବାଜି ଉଠେ । ଲୋକମାନେ ହଇରାଣ ମଧ୍ୟ ହୁଅନ୍ତି । ମତେ ଯିଏ ଯେମିତି ବ୍ୟବହାର କଲା, ମୁଁ କ'ଣ କରିପାରିବି?

ମୁଁ କ'ଣ ମନକୁ ମନ ବାଜେ କି? ମୋ ବିନା ଆଜିକାଲି ଲୋକେ ଘରୁ ବାହାରୁନାହାନ୍ତି । ସମସ୍ତଙ୍କ ପାଇଁ ମୁଁ ଅତିଆଦରଣୀୟ ବସ୍ତୁ । ମୁଁ ଭିନ୍ନ ଭିନ୍ନ ପ୍ରକାରରେ ବଜାରରେ ମିଳୁଛି । ଲୋକମାନେ ନିଜପସନ୍ଦ ଅନୁସାରେ ମୋତେ କିଣନ୍ତି । ଖୁସି ଲାଗେ । ମୋର ଦାମ୍ ପାଞ୍ଚ ଶହ ଟଙ୍କାରୁ ଆରମ୍ଭ ହୋଇ କେତେ ଲକ୍ଷ ଯାଏ ବି ଅଛି । ମତେ ଖାଣ୍ଟି ସୁନାରେ ଗଢ଼ି ମୋ ଦେହରେ ହୀରା ମଧ୍ୟ ଖଞ୍ଜା ହେଉଛି । ପ୍ରଥମେ ଏପ୍ରିଲ୍ ୩, ୧୯୭୩ରେ ମୁଁ ଜନ୍ମ ହୋଇଥିଲି । ସେତେବେଳେ ମୋଟୋରଲା ବୋଲି ଏକ କମ୍ପାନି ମୋତେ ତିଆରି କରିଥିଲେ । ପରେ ବିଭିନ୍ନ କମ୍ପାନି ତିଆରି କଲେ । ଯେମିତିକି ନୋକିଆ, ସାମ୍‌ସଙ୍ଗ୍, ବ୍ଲାକ୍‌ବେରି, ସୋନି, ଭର୍ଜିନ୍, ଲାଭା ଏମିତି କେତେ । ସାଙ୍ଗ ସାଥୀ ସମବୟସ୍କଙ୍କ ଭିତରେ ଦୂରତା କମାଇବା ପାଇଁ ମୁଁ ଏକ ସହଜ ମାଧ୍ୟମ । ମୋ ବିଷୟରେ ତୁମେ ସବୁ କଥା ଜାଣିଲେ ତୁମ ଆଖି ଖୋଷିହୋଇଯିବ । କାରଣ ଦିନକୁ ଦିନ ମୁଁ ଅନେକ ନୂଆ ପ୍ରୟୋଗ ଧରି ବଜାରକୁ ଆସୁଛି ।

Digitized by srujanika@gmail.com



ରେଡିଓ

ସକାଳୁ ସକାଳୁ କାନ ପାଖରେ ରଖି ଜେଜେ ମତେ ଶୁଣିବାକୁ ଚେଷ୍ଟା କଲେ। କିନ୍ତୁ କିଛି ଶୁଭିଲାନି। ସେ ଋଷିକୁ ଡାକ ପକାଇଲେ। ଆରେ ଋଷି, କ'ଣ ହୋଇଛି ଟିକେ ଦେଖିଲୁ! ଏଇଟା ଜମା ଶବ୍ଦ କରୁନି। ଜେଜେଙ୍କ କଥା ଶୁଣି ଋଷି କହିଲା, ''ଜେଜେ, ଆଜିର କମ୍ପ୍ୟୁଟର୍ ଯୁଗରେ ସେଇଟା କ'ଣ ଧରି ବସିଛ? ଆସ ମୋ ସହ।'' ଏହା କହି ଜେଜେଙ୍କୁ ଧରି କୁଆଡ଼େ ନେଇଗଲା ଋଷି।

Digitized by srujanika@gmail.com

ଦେଖିଲ ମୋର ଅବସ୍ଥା? ମୁଁ ରେଡିଓ। ଆଜିକାଲି ମୋତେ କେହି ପଚାରୁନାହାନ୍ତି। ମୁଁ ସମସ୍ତଙ୍କୁ ଅଦରକାରୀ ପରି ଲାଗୁଛି। ହେଲେ ଆଗରୁ ଛୋଟପିଲାଙ୍କ ଠାରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତେ ମନଧ୍ୟାନ ଦେଇ ମୋତେ ଶୁଣୁଥିଲେ। ମୋତେ ଭାରି ଭଲପାଉଥିଲେ।

ମୋ ସାହାଯ୍ୟରେ କେତେସବୁ ଦରକାରୀ ସୂଚନା ପାଇପାରୁଥିଲେ। ଗୀତ, ସମାଚାର, ଯାତ୍ରା, ଖେଳ ଇତ୍ୟାଦି ଶୁଣୁଥିଲେ। ଖେଳ ଚାଲିଥିବା ବେଳେ, ବଡ଼ ସାନ ସମସ୍ତେ ମୋତେ ଟିକେ ବି ବିଶ୍ରାମ ଦିଅନ୍ତିନି। ଘଣ୍ଟା ଘଣ୍ଟା ଧରି ଖେଳ ବିବରଣୀ ଶୁଣନ୍ତି। ଏଥିରୁ ସେମାନେ ଭାରି ଆନନ୍ଦ ପାଉଥିଲେ। ମୋତେ ଇଟାଲି ଦେଶର ମାର୍କୋନି ୧୮୯୫ରେ ଉଦ୍ଭାବନ କରିଥିଲେ। ବିନା କୌଣସି ତାର ମାଧ୍ୟମରେ ସେ ମୋତେ କାମରେ ଲଗେଇଲେ। ସେଇଥି ପାଇଁ ମୁଁ ବେତାର।ଏକଦା ମୋର ଗୁରୁତ୍ୱ ବହୁତ ବଢ଼ିଯାଇଥିଲା। ଟିଭି, କମ୍ପ୍ୟୁଟର୍ ଆସିଲା ପରେ ମୋତେ ସମସ୍ତେ ଭୁଲିବାରେ ଲାଗିଛନ୍ତି।

କଥାରେ କହନ୍ତି, ''ରେଡିଓ ଥରେ କହେ''। ସେଥି ପାଇଁ ବୋଧେ ମୋତେ ଅପସନ୍ଦ କରୁଥିଲେ। ହେଲେ ଏବେ ପରିସ୍ଥିତି ବଦଳୁଛି। ବଜାରରେ ମୋର ଚାହିଦା କମିଛି ସତ, ଯେଉଁମାନେ ମୋର ଉପାଦେୟତା ଠିକ୍‌ରେ ଜାଣିଛନ୍ତି, ସେମାନେ ମତେ କିଣୁଛନ୍ତି। ଆଜିକାଲି ମୁଁ ଗୋଟିଏ କଥା ବାରମ୍ବାର କହିପାରୁଛି। ଖାଲି ମୋ କେନ୍ଦ୍ରକୁ ଅନୁରୋଧ କରି ଚିଠି ଲେଖିଲେ ହେଲା। ଲୋକେ ମୋ ମାଧ୍ୟମରେ ବିଭିନ୍ନ ବେତାର କେନ୍ଦ୍ରରୁ ଖବର, ଶିକ୍ଷା ଓ କୃଷି ସୂଚନା ପାଉଛନ୍ତି। କେତେ କେତେ ଶିକ୍ଷଣୀୟ କଥା ଜାଣୁଛନ୍ତି। ଗୀତ, ଗପ ଓ ଯାତ୍ରା ଶୁଣି ଖୁସି ହେଉଛନ୍ତି। ସେମାନଙ୍କୁ ମୁଁ କିଛିଟା ମନୋରଂଜନ ଦେଇପାରୁଛି। ନୂଆ ଏଫ୍‌ଏମ୍ ଚାନେଲ୍‌ଗୁଡ଼ିକ ମୋ ଚାହିଦାକୁ ବଢ଼ାଇବାରେ ଲାଗିଛନ୍ତି। ସବୁଆଡ଼େ

Digitized by srujanika@gmail.com

ଲୋକେ ଏଫ୍‌ଏମ୍ ଚାନେଲ୍ ମାଧ୍ୟମରେ ବହୁତ କଥା ଜାଣିବା ସହ ଗୀତର ମଜା ଉଠାଉଛନ୍ତି। କମିଯାଇଥିବା ଚାହିଦା ବଢ଼ୁଥିବାରୁ ମୁଁ ଏବେ ଖୁସୀ।

ମଜାକଥା, ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କଲାମ ଟିଭି ନ ଦେଖି ଟବର ଜାଣିବା ପାଇଁ ଶେଷ ଯାଏ ମତେ କେବଳ ଶୁଣୁଥିଲେ। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ‘ମନ୍ କି ବାତ୍’ କାର୍ଯ୍ୟକ୍ରମ କରାଇ ମୋ ମାଧ୍ୟମରେ ସାଧାରଣ ଲୋକଙ୍କ ସହ ଯୋଡ଼ି ହେବାରେ ଲାଗିଛନ୍ତି।

••••

Digitized by srujanika@gmail.com



ଆଇସ୍‌କ୍ରିମ୍

ପିଲାମାନଙ୍କର ମୁଁ ଖୁବ୍ ପ୍ରିୟ । ମୋତେ ଦେଖିଦେଲେ ସେମାନଙ୍କର ମନ ଖୁସିରେ ନାଚିଉଠେ । ଖାଇବା ପାଇଁ ପିଲାଙ୍କ ଭିତରେ ଏତେ ଝୁଙ୍କ ଯେ ସେମାନଙ୍କୁ ମନେଇବା ପାଇଁ ମୁଁ ଅନେକ ସମୟରେ ଦରକାର ହୁଏ । ଏ କଥା ଆମ ଭାରତରେ କେବଳ ନୁହେଁ ପୃଥିବୀର ଅନେକ ଦେଶରେ ଘଟେ ।

Digitized by srujanika@gmail.com

ମୋର ପୁଣି କେତେ ପ୍ରକାରର ରଙ୍ଗ। କେତେବେଳେ ଧଳା ତ କେତେବେଳେ ଚମ୍ପା ରଙ୍ଗ। ପୁଣି କେତେବେଳେ ଗୋଲାପୀ ବା ଜାମୁକୋଳି ରଙ୍ଗ। ଆଜିକାଲି ମୁଁ ବେଶ୍ ରଙ୍ଗିନ ଓ ଚିତ୍ରବିଚିତ୍ର ହୋଇ ଦେଖାଦେଉଛି। ମୋ ଉପରେ କିସମ କିସମ ଚକୋଲେଟ୍ ଗୁଣ୍ଡ ଓ ଭଳି ଭଳି ବାଦାମର ଖଣ୍ଡ ମଧ୍ୟ ସଜେଇ ରଖାଯାଉଛି।

ମୋ ଭିତରେ କ'ଣ ଥାଏ, ସେ କଥା ଶୁଣିଲେ ଯେ କୌଣସି ଲୋକର ପାଟିରୁ ଲାଳ ବୋହିବ। ଖଣ୍ଡ, ଖିର, ଲହୁଣି, ଜାତି ଜାତି ମିଠା ଫଳ ଓ ବାଦାମ ଆଦି ପୁଷ୍ଟିକର ପଦାର୍ଥ ଛପିରହିଥାଏ ମୋ ଭିତରେ। ସବୁ ହେମାଳ ଥଣ୍ଡା। ମୁଁ ବିଭିନ୍ନ ଫଳର ବାସନା ସହିତ ବି ତିଆରି ହୋଇଥାଏ। ମୋ ଦେହରେ ମିଠା ଭରପୂର; ତେବେ ଆଜିକାଲି ବିନା ଚିନି ବା ସୁଗର୍‌ରେ ମତେ ପ୍ରସ୍ତୁତ କରାଯାଉଛି, ଯେମିତି କି ଡାଏବିଟିସ୍ ରୋଗୀ ମଧ୍ୟ ଖାଇପାରିବେ।

ବିଭିନ୍ନ ଦେଶରେ ମତେ ଭିନ୍ନ ଭିନ୍ନ ନାମରେ ଜାଣନ୍ତି। କେଉଁଠି ''ହେମାଳ କଷ୍ଟାର୍ଡ୍'' ତ କେଉଁଠି ''ହେମାଳ ଦହି'' ବୋଲି କହନ୍ତି। କେହି କେହି କହନ୍ତି 'ସରବତ' ନ ହେଲେ 'ଜିଲୋଟେ'। ତେବେ ଆଇସ୍‌କ୍ରିମ୍ ବୋଲି କହିଲେ, ସାରା ଦୁନିଆ ମତେ ଚିହ୍ନେ।

କେହିକେହି ହୁଏ ତ ଭାବୁଥିବେ ମୁଁ ଆଜିକାଲିକାର ଜିନିଷ। କିନ୍ତୁ, ପ୍ରକୃତରେ ମୁଁ ୨୫୦୦ ବର୍ଷ ପୁରୁଣା ଖାଦ୍ୟପଦାର୍ଥ। ଅତୀତରେ ପାରସ୍ୟର ସମ୍ରାଟ୍‌ମାନେ ବରଫ ଗୁଣ୍ଡରେ ଅଙ୍ଗୁର ରସ ସହ ଫଳ, ଗୋଲାପ ଜଳ ଓ ନାନାବିଧ ସୁସ୍ୱାଦୁ ପଦାର୍ଥ ମିଶାଇ ମତେ ପ୍ରସ୍ତୁତ କରାଉଥିଲେ। ପ୍ରବଳ ଖରାରେ ମୁଁ ଥିଲି ସେମାନଙ୍କର ପ୍ରିୟ ପଦାର୍ଥ। ସେତେବେଳେ ଫ୍ରିଜ୍ ବା ରେଫ୍ରିଜରେଟର୍ ଆସିବ କୁଆଡୁ ? ତେଣୁ ଥଣ୍ଡା

Digitized by srujanika@gmail.com

ଅଞ୍ଚଳରୁ ବରଫ ଅଣାଯାଇ ମାଟି ତଳେ ବିଶେଷ କୋଠରି ବନେଇ ତା'କୁ ସାଇତି ରଖାଯାଉଥିଲା । ସେ କୋଠରିର ନାମ ଥିଲା "ୟଖ୍‌ଚଲ୍ ।"

ପରେ ପରେ ଶତାବ୍ଦୀ ପରେ ଶତାବ୍ଦୀ କେତେ ରୂପରେ ବଦଳି ମୁଁ ଏବେ ସାରା ଦୁନିଆରେ କେତେ କେତେ ରୂପରେ ମିଳୁଛି । କେଉଁଠି କପ୍‌ରେ ତ କେଉଁଠି କୋନ୍‌ରେ; ପୁଣି କେଉଁଠି ଖଣ୍ଡ ଖଣ୍ଡ ହୋଇ ନ ହେଲେ ପିଠା ଭଳି ବା କାଠି ଭଳି । ବଡ଼ ବଡ଼ ହୋଟେଲ୍ ସମେତ ଛୋଟ ଛୋଟ ପାନ ଦୋକାନରେ ବି ମୁଁ ଏବେ ମିଳିଯାଉଛି । ଏଇଥିରୁ ଜଣାପଡୁଛି, ମୋ ପଛରେ ଖୋଜା ଲୋଡ଼ା କେତେ!

ପିଲାମାନେ ଜାଣିବା ଦରକାର ଯେ ବୁଢ଼ାମାନେ ବି ମତେ କିଛି କମ୍ ଭଲପାଆନ୍ତିନାହିଁ । ମୁଁ ବର୍ତ୍ତମାନ ସମୟର ଏକ ପ୍ରିୟ ଖାଦ୍ୟ ପଦାର୍ଥ ।

●●●●

Digitized by srujanika@gmail.com



ପେନ୍‌ସିଲ୍

ମୁଁ ଗୋଟିଏ ଲେଖିବା ଉପଯୋଗୀ କାଠି ଜିନିଷ । ଲେଖାଲେଖି କରିବା ଛଡ଼ା ମତେ ଅନେକେ ଛବି ଆଙ୍କିବା ଲାଗି ମଧ୍ୟ ବ୍ୟବହାର କରନ୍ତି । କଲମ ଭଳି ମୋ ଭିତରେ ତରଳ କାଳି ନ ଥାଏ, ଥାଏ ଲେଖିପାରିବା ଭଳି ଏକ ଅଳ୍ପ କଠିନ ପଦାର୍ଥ ଯାହାର ନାମ ଗ୍ରାଫାଇଟ୍ । ଗ୍ରାଫାଇଟ୍ ସହଜରେ ଭାଙ୍ଗିଯାଏ ବୋଲି ତା' ଚାରିପଟେ ଥାଏ କାଠର ଖୋଳ । ମୋଟାମୋଟି ମୋ ଶରୀରଟି ସରୁ ଗ୍ରାଫାଇଟ୍ କାଠି ଉପରେ ହାଲୁଆ କାଠ ଖୋଳଦେଇ ଗଢ଼ାଯାଇଥାଏ ।

୮୯

Digitized by srujanika@gmail.com

ପ୍ରାଚୀନ ଭାରତ, ମିଶର ଓ ରୋମ୍‌ରେ ବ୍ୟବହୃତ ଲୁହାର ଲିଖନ ହେଉଛି ମୋର ପୂର୍ବପୁରୁଷ । ପୁରୁଣା କାଳରେ ଫରାସି ଲୋକେ ଛୋଟ ତୂଳୀକୁ କହୁଥିଲେ 'ପିନ୍‌ସେଲ୍‌' ସେଇ ନାଆଁରୁ ମୁଁ ହୋଇଛି 'ପେନ୍‌ସିଲ୍‌'

ପାଖାପାଖି ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ଗ୍ରାଫାଇଟ୍‌ର ବ୍ୟବହାର ଜଣାପଡ଼ିଲା । ଲୋକେ ଦେଖିଲେ ଗ୍ରାଫାଇଟ୍‌ରେ ଲେଖିହେଉଛି । ମାତ୍ର ଗ୍ରାଫାଇଟ୍ ପଦାର୍ଥଟି ସେତେ ଟାଣ ହୋଇ ନ ଥିବାରୁ ପହିଲେ କାଠି ଭଳି କରି ଚାରିପଟେ ଚମଡ଼ା ଗୁଡ଼େଇ ତାକୁ ଟାଣ କରିବାକୁ ପଡୁଥିଲା । ପରେ ଇଟାଲିର ଦମ୍ପତି ସିମୋନି ଓ ଲିଣ୍ଡିଆନା ବର୍ଣୋକୋତି କାଠଖୋଳ ଦେଇ ମତେ ଗଢ଼ିଲେ । ପ୍ରଥମେ ଚେପ୍‌ଟା, ତା'ପରେ ଗୁଲ୍‌ବାଡ଼ି ପରି ଗୋଲ ଓ ପରେ ଛଅକୋଣିଆ ରୂପ ନେଇ ମୁଁ ଆସିଲି । ମତେ ଛଅକୋଣିଆ କରାଯିବାର ମୂଳ କାରଣ ହେଲା ମୁଁ ସହଜରେ ଗଡ଼ିଯିବିନାହିଁ । ପୁଣି ଚେପ୍‌ଟା କଲେ ମତେ ଧରି ଲେଖିବା ବା ଆଙ୍କିବାରେ ବଡ଼ ଅସୁବିଧା ।

ମୋର ଲେଖାକୁ ରବରରେ ଲିଭେଇ ହୁଏ । ତେଣୁ ଅଧିକାଂଶ କମ୍ପାନି ମତେ ତିଆରି କଲାବେଳେ ପଛପଟେ ରବର ଖଣ୍ଡେ ଲଗେଇ ଦିଅନ୍ତି । ମୁଁ ବିଭିନ୍ନ ରଙ୍ଗରେ ମିଳେ । ଆମେରିକାରେ ମୋର ରଙ୍ଗ ପ୍ରାୟତଃ ହଳଦିଆ । କାରଣ କ'ଣ ଜାଣିଛ ? ଟେବୁଲ୍‌ଉପରେ କେତେ କ'ଣ ଜିନିଷ ପଡ଼ିଥାଏ । ମତେ ସହଜରେ ପାଇବା ପାଇଁ ଏଇ ରଙ୍ଗଟି ସେମାନଙ୍କୁ ସୁବିଧା ଦେଇଥାଏ ।

ମତେ କେତେ କେତେ ଲେଖକ ଆପଣାର କରିଛନ୍ତି । ଲିଓନାର୍ଡୋ ଦା ଭିନ୍‌ସି କିଛି ଆଙ୍କିବା ପୂର୍ବରୁ ମୋ ସାହାଯ୍ୟରେ ସବୁବେଳେ ସ୍କେଚ୍ କରୁଥିଲେ । ସେମିତି ଲେଖକ ଭ୍ଲାଦିମିର୍ ନବକୋଭ୍, ଜନ୍ ଷ୍ଟେନ୍‌ବେକ୍ ଓ ମହାତ୍ମା ଗାନ୍ଧୀଙ୍କ ଭଳି ପ୍ରସିଦ୍ଧ ମଣିଷମାନେ ମତେ ବହୁ ଅଧିକ ଭାବରେ ବ୍ୟବହାର କରୁଥିଲେ ।

●●●●●

Digitized by srujanika@gmail.com



ସାବୁନ୍

ମୋର ଧାରଣା ମତେ ସମସ୍ତେ ଜାଣିଛନ୍ତି । କାରଣ ବର୍ତ୍ତମାନର ଦୁନିଆରେ ମୁଁ ଏକ ଅତ୍ୟନ୍ତ ଦରକାରୀ ଜିନିଷ । ଧୋଇବା, ଗାଧୋଇବା ବା ସଫା କରିବା ପାଇଁ ମତେ ସବୁବେଳେ ଖୋଜାଯାଏ । ପୁଣି କପଡ଼ା ପ୍ରସ୍ତୁତି ସମୟରେ ବା କୌଣସି ସ୍ଥାନକୁ ଖସିଡ଼ିଆ ବା ପିଚ୍ଛିଳ କରିବା ଲାଗି ମୁଁ ବ୍ୟବହୃତ ହୋଇଥାଏ ।

ରସାୟନବିଜ୍ଞାନୀମାନେ ମତେ ଫ୍ୟାଟି ଏସିଡ୍ ବା ଫ୍ୟାଟି ଅମ୍ଳ ବୋଲି କହନ୍ତି । ମୋର ବିଭିନ୍ନ ପ୍ରକାରର ରୂପ ଅଛି କିନ୍ତୁ ସଫା କରିବା ଲାଗି

Digitized by srujanika@gmail.com

ମତେ ତିଆରି କଲାବେଳେ ପ୍ରାଣୀମାନଙ୍କର ଚର୍ବି ବା ଉଦ୍ଭିଦଜ ତୈଳ ସହିତ ଆଲ୍‌କାଲାଇନ୍ ଦ୍ରବଣ ଦେଇ ପ୍ରସ୍ତୁତ କରାଯାଏ । ବିଭିନ୍ନ ପ୍ରକାରର ଖସଡ଼ିଆ ଗ୍ରିଜ୍ ତିଆରି କରିବା ପାଇଁ ମୁଁ ବ୍ୟବହୃତ ହୁଏ । ତେବେ ସାବୁନ୍ ବୋଲି କହିଲେ ମତେ ସାଧାରଣରେ ଦେହଲଗା ବା ଲୁଗାଧୁଆ ରୂପରେ ସଭିଏଁ ଜାଣନ୍ତି ।

ଥରେ ଜଣେ ଶିକ୍ଷକ ଗୋଟିଏ ପହଳି ପଚାରିଲେ- "ସୁତୁରୀ ନାନୀ, ଫେଣ ଗଜଗଜ ପଣତ କାନୀ" । କ୍ଲାସ୍ ସାରା ଚୁପ୍‌ଚାପ୍ ବସିଲେ, ମାତ୍ର ଗୋଟିଏ ଛୋଟ ଝିଅ କହିଲା, ସାର୍ ଠିକ୍ ଉତ୍ତର ହେଉଛି ସାବୁନ୍, କାରଣ ସାବୁନ୍ ସଫା କରେ, ପୁଣି ଗଜଗଜ ଫେଣ ବାହାର କରେ । ଝିଅଟି ଠିକ୍ କହିଥିଲା । ମୁଁ ଅସଲରେ ସବୁ ଜିନିଷକୁ ସଫାସୁତରା ଓ ପରିଷ୍କାର କରେ । ସେଇଥିପାଇଁ ଖାଇବା ଆଗରୁ ମୋତେ ବ୍ୟବହାର କରି ହାତ ସଫା କରିବାକୁ ପରାମର୍ଶ ଦିଆଯାଏ । ଏବେ ବାର୍ଡ ଫ୍ଲୁ ଓ ସ୍ୱାଇନ୍ ଫ୍ଲୁର ରୋଗଜୀବାଣୁ ଠାରୁ ଦୂରରେ ରହିବା ଲାଗି ମତେ ବ୍ୟବହାର କରି ବାରମ୍ବାର ହାତ ଧୋଇବାକୁ କହାଯାଉଛି ।

ମୁଁ କେତେ ପୁରୁଣା ଜାଣିଛ? ଖ୍ରୀଷ୍ଟପୂର୍ବ ୨୮୦୦ ବେଳୁ ମୁଁ ତିଆରି ହେଲିଣି । ପ୍ରଥମେ ମୁଁ ଦେଖାଦେଇଥିଲି ପ୍ରାଚୀନ ବେବିଲୋନ୍‌ରେ । ପରେ ପରେ ଇଜିପ୍ଟ ଓ ରୋମ୍‌ରେ ମୋର ବ୍ୟବହାର ବଢ଼ିଲା, ଅବଶ୍ୟ ଆଜିକାଲିର ରୂପରେ ନୁହେଁ । ଏବେ ସୌଖୀନ ହୋଟେଲ୍‌ମାନଙ୍କୁ ଗଲେ ଦେଖିବ ମୁଁ କେମିତି କେତେ ପ୍ରକାରରେ ମିଳୁଚି । ବେଳେ ବେଳେ ମୋର ସୁନ୍ଦର ରୂପ ଦେଖି ପିଲାଏ ଭାବନ୍ତି, ବଢ଼ିଆ ଖିର ଚକ୍‌ଲେଟ୍ ଖଣ୍ଡେ କି ?

••••

Digitized by srujanika@gmail.com



ଚଉରା

ପ୍ରତ୍ୟେକ ହିନ୍ଦୁ ଘରେ ମତେ ତୁମେ ଦେଖିବାକୁ ପାଇବ । ଅବଶ୍ୟ ସହରରେ ଆପାର୍ଟମେଣ୍ଟ୍‌ମାନଙ୍କରେ ଅଧିକରୁ ଅଧିକ ଲୋକ ରହିବାଫଳରେ ମୋର ସଂଖ୍ୟା କମି ଆସିଲାଣି । ତଥାପି କେହି କେହି ବାଲ୍‌କୋନିରେ ଯେଉଁଠି ଖରା ପଡ଼େ, ସେଠାରେ ମୋତେ ସ୍ଥାପନା କରୁଛନ୍ତି । କିଏ ମାଟି କୁଡ଼ୁଆ ରୂପରେ ମତେ ରଖୁଚି ତ କିଏ ଫୁଲକୁଣ୍ଡ ରୂପରେ । ପଥର, ସିମେଣ୍ଟ୍ ବା ଶଙ୍ଖମଲମଲ ପଥରରେ ମତେ ଗଢ଼ି କେତେ ଗୃହସ୍ଥ ଆନନ୍ଦିତ ହେଉଛନ୍ତି ।

Digitized by srujanika@gmail.com

ଆଗରୁ ମୋର ସ୍ଥାନ ଥିଲା ଘର ଅଗଣାରେ ନ ହେଲେ ଆଗପଟ ବାରଣ୍ଡାର ପୂରା ଡାହାଣ ପଟେ । ଘରୁ ବାହାରିଲାବେଳେ ମୁଁ ଯେମିତି ଡାହାଣ ପଟେ ଦେଖାଯିବି, ସେଥିପାଇଁ ଯତ୍ନ ନିଆଯାଇଥାଏ । କାରଣ ମୁଁ ଏକ ଶୁଭ ସଂକେତ । ମୋ ଉପରେ ଥାଏ ତୁଳସୀ ଗଛ । ତୁଳସୀର ଅନ୍ୟ ନାମ ବୃନ୍ଦାବତୀ । ପୁଣି ଏହି ତୁଳସୀ ଗଛ ହିନ୍ଦୁମାନଙ୍କର ଏତେ ପୂଜ୍ୟ ଯେ ତାକୁ କେହି ଅଶ୍ରଦ୍ଧା କରି କଥା କହନ୍ତିନାହିଁ । କହନ୍ତି- "ତୁଳସୀଙ୍କ ମୂଳରେ ପାଣି ଦିଅ ।" ତୁଳସୀ ଗଛଟିଏ ମରିଗଲେ ଯେ କୌଣସି ଗଛକୁ ମରିଗଲା ବୋଲି କହିଲା ଭଳି କହାଯାଏନାହିଁ । କହାଯାଏ "ସେ ତୁଳସୀ ଗଛଟିର ନାରାୟଣପ୍ରାପ୍ତି ହୋଇଗଲା ।"

ଆଜିକାଲି ଅବଶ୍ୟ ସହରାଞ୍ଚଳରେ ସେମିତି କେହି କହୁନାହାନ୍ତି, ହେଲେ ଗାଁ ଗହଳରେ ତୁଳସୀ ପ୍ରତି ଶ୍ରଦ୍ଧା ଅତୁଟ ଅଛି । ତା'ର ପତ୍ର ପବିତ୍ର, ଅବସ୍ଥିତି ପବିତ୍ର, ଏପରିକି ତା'ର କାଠି ଓ କାଠ ମଧ୍ୟ ପୂଜ୍ୟ । ତୁଳସୀ କାଠର ମାଳି ହିନ୍ଦୁମାନଙ୍କର ଏକ ଧାର୍ମିକ ଆବଶ୍ୟକତା ।

ସତ କଥା ହେଉଛି ମୁଁ ତୁଳସୀ ଗଛକୁ ମୁଣ୍ଡେଇଥିବାରୁ ମତେ ଲୋକେ ପବିତ୍ର ବୋଲି ଗ୍ରହଣ କରନ୍ତି । କେହି କେହି ମତେ ଗୋଟିଏ ନାରୀ ମୂର୍ତ୍ତି କରି ଗଢ଼ି ସେଥିରେ ତୁଳସୀ ଚାରାଟିଏ ଲଗେଇ ଦିଅନ୍ତି । ତା'ର କାରଣ ହେଉଛି ବୃନ୍ଦାବତୀଙ୍କୁ ଭଗବାନ୍ ବିଷ୍ଣୁ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ । ପରେ ତାଙ୍କୁ ସେ ବର ଦେଇଥିଲେ ଯେ ତୁମେ ତୁଳସୀ ରୂପରେ ସବୁଠି ପୂଜା ପାଇବ । ତେଣୁ ଏକ ନାରୀ ଭଳି ତିଆରି କରି ଲୋକେ ମତେ ପୂଜା କରନ୍ତି । ଗାଧୋଇ ଆସିଲେ ମୋ ଉପରେ ପାଣି ଢାଳି, ତୁଳସୀରେ ପାଣି ଦିଅନ୍ତି, ତୁଳସୀ ପତ୍ର ସେବା କରନ୍ତି । ସେମିତି ସଂଜବେଳେ ମୋ ମୂଳରେ ସଂଜବତି ଜାଳନ୍ତି ।

Digitized by srujanika@gmail.com

କେଉଁଠି କେଉଁଠି ସମର୍ଥ ଲୋକେ ମୋତେ ପଥରରେ ମନ୍ଦିର ଭଳି ଗଢ଼ି ସେଥିରେ ତୁଳସୀ ରୋପଣ କରନ୍ତି ।

ମୋଟାମୋଟି କହିବାକୁ ଗଲେ ଠାକୁର ଘର ଭଳି ମୁଁ ପ୍ରତିଟି ହିନ୍ଦୁ ପରିବାରରେ ପୂଜା ଓ ଆଦର ପାଏ । ଏପରି କି ଅପରିଷ୍କାର ବା ଅଗାଧୁଆ ମତେ କେହି ଛୁଅଁନ୍ତି ନାହିଁ । ଆଗରୁ ମୋ ମୂଳରେ କେତେ କ'ଣ ପୂଜା ଅର୍ଚ୍ଚନା ହେଉଥିଲା । ଜହ୍ନିଓଷା ଠାରୁ ପୟାଶ୍ରାଦ୍ଧ, ସବୁ ମୋ ମୂଳରେ ହେଉଥିଲା । ଘର ପଛେ ଯେମିତି ହୋଇଥାଉ, ଲିପା ପୋଛା କରି ଅତି ଗରିବ ଲୋକଟିଏ ମଧ୍ୟ ମତେ ପରିଷ୍କାର ରଖି ପୂଜା କରୁଥିଲା ।

ଏବେ ସମୟ ବଦଳୁଚି । ମୁଁ ଯାହା ଲକ୍ଷ୍ୟ କରୁଚି, ସମୟ ବଦଳିବା ସହ ମୋ ପ୍ରତି ଥିବା ସମ୍ମାନ ମଧ୍ୟ କମି କମି ଆସୁଚି ।

●●●●

Digitized by srujanika@gmail.com

ଢିଙ୍କି



ମୋ ନାଁ ଶୁଣି ଅନେକେ ସହର ପିଲା ନିଶ୍ଚେ ଆଶ୍ଚର୍ଯ୍ୟ ହେଇ ଚାହିଁବେ। କାରଣ ନା' ସେମାନେ ମୋ ନାଁ ଶୁଣିଥିବେ, ନାଁ ମତେ ଦେଖିଥିବେ। କହାଯାଏ ନାରଦ ଋଷିଙ୍କର ମୁଁ କୁଆଡ଼େ ବାହନ! ଛୁରି, କତୁରି ଶାଣ ଦେଉଥିବା ଲୋକ ଶାଣ ଧରି ଗାଁ ଗାଁ ବୁଲେ। ନାରଦ ମହାମୁନି ଢିଙ୍କିରେ କୁଟି ଧାନରୁ ଚାଉଳ, ଚାଉଳରୁ ଚୂନା କରିବାକୁ ସବୁଆଡ଼େ ବୁଲୁଥିଲେ ନା କ'ଣ?

ମୁଁ କିନ୍ତୁ ନାରଦଙ୍କୁ ଦେଖିନାହିଁ, କେଜାଣି ମୋ ପୂର୍ବପୁରୁଷ ତାଙ୍କୁ ଦେଖିଥିବେ ଯଦି!

ଭାରତ ଏକ କୃଷିଭିତ୍ତିକ ଦେଶ। କୃଷିଜାତ ସାମଗ୍ରୀର ଉପଯୋଗ ପାଇଁ ବିଶେଷ କରି ଧାନରୁ ଚାଉଳ, ଚୁଡ଼ା ଏବଂ ଚାଉଳରୁ ଚୁନା ଆଦି କରିବା ଲାଗି ମୋର ଆବଶ୍ୟକତା ପଡ଼େ। ମୁଁ ଯେଉଁଠାରେ ସ୍ଥାପିତ ହୋଇଥାଏ, ତା'ର ନାମ ଢିଙ୍କିଶାଳ। ମୋର ଶବ୍ଦକୁ ପିଲାମାନେ କହନ୍ତି- 'ଧପଡ଼ ଧାଇଁ'।

Digitized by srujanika@gmail.com

ମୋ ଶରୀର ବିଶେଷତଃ ଏକ ମଞ୍ଜ କାଠଗଡ଼ । ଶାଳ ଓ କୁରୁମ ଗଛର ଗଡ଼ ମୋ ତିଆରି ସକାଶେ ଖୁବ୍ ଉପଯୋଗୀ । ମତେ ତିଆରି କଲାବେଳେ ଗୋଟେ ପଟ ଗୋଟାଳ ରଖି ଅନ୍ୟପଟଟିକୁ ଲାଞ୍ଜ ଭଳି କରି ସାମାନ୍ୟ ପାତଳା କରାଯାଏ । ତାକୁ କହାଯାଏ ଢିଙ୍କିଲାଞ୍ଜି । ଲାଞ୍ଜ ପଟରୁ ଟିକେ ଆଗକୁ ମାପଚୁପ କରି ମୋ ଦେହରେ କଣା କରି ଗୋଟାଏ 'ପଖିଆ' ଲାଗେ ଯାହାକି ଦୁଇପଟକୁ ସମାନ ଭାବରେ ବାହାରିଥାଏ । ସେମିତି ସାମନା ପଟେ ଚଢ଼େଇର ଥଣ୍ଟ ପରି ଗୋଟେ ସରୁ କାଠଗଡ଼ ଲାଗେ ଯାହାର ନାମ 'ପାହାର' । ଏଇ ପାହାରର ଉପର ପଟକୁ ଚଉଅାଂଶିଆ କରି ମୋ ମୁଣ୍ଡ ପାଖରେ ଗୋଟେ କଣାରେ ଖଞ୍ଜି ଦିଆଯାଏ । ପାହାରଟିର ମୁହଁରେ ଲାଗେ ଗୋଟେ ଲୁହା ବଳା, ଯେମିତି କି ତଳେ ବାଡ଼େଇ ହେଲେ କାଠ ପାହାରର ମୁହଁ ଖରାପ ହୋଇଯିବ ନାହିଁ । ଏହି ଲୁହା ବଳାର ନାମ 'ସମା' ।

ଏବେ ମୁଁ ତିଆରି ହୋଇଗଲା ପରେ ଢିଙ୍କିଶାଳରେ ମାଟି ଖୋଳି ଦୁଇଟି ଖୁମ୍ବ ପୋତାଯାଏ । ଏହି ଖୁମ୍ବରେ ମୋ ପଖିଆ ପଶିବା ପାଇଁ କଣା କରାଯାଇଥାଏ । ଠିକ୍ ମାପଚୁପରେ ପଖିଆ ସେଥିରେ ଭର୍ତ୍ତି କରି ଖୁମ୍ବ ଦୁଇଟିକୁ ଦୃଢ଼ ଭାବରେ ପୋତି ଦିଆଯାଏ । ଖୁମ୍ବ ହଲିଲାମାନେ ବିପଦ । ଖୁମ୍ବ ଦୁଇଟିର ନାଁ 'ମାଲଖମ୍ବ' ।

ସବୁ ସରିଲା ପରେ ମୋତେ ପୂରାପୂରି ଖଞ୍ଜି ମାଟି ସହ ସମାନ୍ତରାଳ କରି ରଖାଯାଏ । ହଁ ମୋ ମୁହଁରେ ଲାଗିଥିବା ପାହାର ପଶି ଛେଚିବା ପାଇଁ ଗୋଟାଏ ଗାତ କରାଯାଏ । ଅନେକ ଜାଗାରେ ଗୋଟେ ବଡ଼ ମୁଗୁନି ପଥରରେ ଗାଡ଼ କରି ଦୀର୍ଘକାଳର ଉପଯୋଗିତା ଲାଗି ସେଠି ପୋତି ଦିଆଯାଏ । ଏଇ ଗାଡ଼ର ନାମ 'ଭରାଣ୍ଡି' । ତେଣୁ ଭରାଣ୍ଡିଟା

କେଉଁଠି ମାଟିରେ ତ କେଉଁଠି ପଥରରେ, ଠାଏ ଠାଏ କାଠ ଭରାଣ୍ଡି ବି ଥାଏ ।

ଧାନ ବା ଚୁଡ଼ା କୁଟିଲାବେଳେ ଭରାଣ୍ଡିରେ ପଦାର୍ଥ ରଖି ମୋର ଲାଞ୍ଜକୁ ଗୋଡ଼ରେ ଦାବିଲେ ମୁଁ ଉପରକୁ ଉଠେ ଓ ଛାଡ଼ିଦେଲେ ଧମ୍ କରି ପଡ଼େ । ମାତ୍ର ସେତେବେଳେ ଧାନ ଭଳି ଜିନିଷ ଚାରିକଡ଼କୁ ଛିଟିକି ଯାଏ । ସେଇ ଛିଟିକା ଜିନିଷକୁ ହାତରେ ଭରାଣ୍ଡି ଭିତରକୁ ପୁଣି ଠେଲି ଦିଆଯାଏ । ଠେଲିବା କାମଟି ହେଲା 'ଶୁଙ୍କେଇବା' । ମୋ ଲାଞ୍ଜକୁ କୁଦିବା ଓ ଛାଡ଼ିବା କାମ ଚାଲିଥିଲାବେଳେ ତେଣେ ଭରାଣ୍ଡିରେ ଧାନ ଛେଚି ହୋଇ ଚାଉଳ ବାହାର କରାଯାଏ ପୁଣି ବତୁରା ଧାନକୁ ଖରଡ଼ି, ଭରାଣ୍ଡିରେ ପୂରେଇ କୁଟି, ଚୁଡ଼ା ତିଆରି କରାଯାଏ । ଶବଦ ଶୁଭୁଥାଏ ଧପଡ଼ ଧାଇଁ । ଏ ଧପଡ଼ ଧାଇଁ କାମକୁ କହନ୍ତି, ''କୁଟିବା'' ।

ମୋର କଥା ତ ବହୁତ । କହିବାକୁ ବି ମୋ ମନ । ହେଲେ ଏଠି ଏତେ ଜାଗା ନାହିଁ । ଗାଁ ମାଇପେ ଢିଙ୍କି କୁଟିଲାବେଳେ ନାନା କଥା ଗପି ସମୟ ବହଲାନ୍ତି । ତେଣୁ ଏଣୁ ତେଣୁ ଗୁଡ଼ାଏ ଗପ ହେଲେ ଆମ ଓଡ଼ିଆରେ କହନ୍ତି- 'ଢିଙ୍କିଶାଳରୁ ଢେଙ୍କାନାଳ ଯାଏ' ଗପ ଲମ୍ବିଛି ।

ଧାନକଳ, ଚୁଡ଼ାକଳ ଆଜି ଗାଁରେ ଓ ସହରରେ ଖୋଲିଗଲା ପରେ ମୁଁ ଏବେ ଅନେକ ସ୍ଥାନରେ ଅଲୋଡ଼ା । ଲୋକ କହୁଛନ୍ତି ଆଉ ଗାଁମାନଙ୍କରେ ଢିଙ୍କିକୁଟା ଶବ୍ଦ ଶୁଭୁନି ।

●●●●

Digitized by srujanika@gmail.com

ଜୋତା

ମୁଁ ଜୋତା । କିନ୍ତୁ ମୋର ଅସଲ ନାଁ ହେଉଛି ପାଣ୍ଡୋଇ । ଏବେ କେତେ କେତେ ରୂପରେ ପ୍ରକାଶ ପାଇଲିଣି । ପହଁରିବା ପାଇଁ ଗୋଟେ ପ୍ରକାର ତ ଫୁଟବଲ୍ ଖେଳିବା ପାଇଁ ଆଉ ପ୍ରକାରେ । କ୍ରିକେଟ ଖେଳ ପାଇଁ ମୋର ରୂପ ବି ହକି ଖେଳ ବେଳର ଚେହେରା ଠାରୁ ଅଲଗା । ବରଫରେ ଚାଲିବ ତ ମୋତେ ଏମିତି କରି ବନାଅ, ସକାଳେ ମର୍ଣ୍ଣିଂ ୱାକ୍‌ରେ ଯିବ ଯଦି ସେମିତି କରି ବନାଅ । ମୁଁ କେଉଁଠି ହାଫ୍ ସୁ ତ କେଉଁଠି ଫୁଲ୍ ସୁ । କେଉଁଠି ଚପଲ ତ କେଉଁଠି ସାଣ୍ଡେଲ୍ । ପୁଣି ହାଇ ହିଲ୍, ଲୋ ହିଲ୍ ଭେଦରେ ମୋର ରୂପ ଭିନ୍ନ ଭିନ୍ନ ପ୍ରକାରର ।

ସାରା ବିଶ୍ୱରେ ମୋର ସାଣ୍ଡଲ୍ ରୂପ ବେଶ୍ ଲୋକପ୍ରିୟ ।

ମୋର ଇତିହାସ ବହୁତ ପୁରୁଣା । ଏବେ ସ୍ପେନ୍‌ର ଏକ ଗୁମ୍ଫାରେ

Digitized by srujanika@gmail.com

ମୋର ଚିତ୍ର ଦେଖିବାକୁ ମିଳିଛି । ତାହା ପନ୍ଦର ହଜାର ବର୍ଷ ତଳର । ପଶୁଚମଡ଼ା ଓ ଲୋମରେ ଗଢ଼ା ମତେ ପିନ୍ଧି ସେତେବେଳେ ମଣିଷମାନେ ଚଳପ୍ରଚଳ ହେଉଥିଲେ ବୋଲି ଏହା ପ୍ରକାଶ କରେ । ସେମିତି ପାଞ୍ଚହଜାର ବର୍ଷ ତଳର ମୋର ଏକ ଆକୃତି ବି ଏବେ ଲୋକ ଲୋଚନକୁ ଆସିଛି । ଶରୀରଟି ସିନା ଚମଡ଼ାରେ କିନ୍ତୁ ଭିତରଟାକୁ ମୁଲାୟମ କରିବା ପାଇଁ ସେଥିରେ ପାଳ ଭର୍ତ୍ତି କରି ବରଫ ଅଞ୍ଚଳରେ ଲୋକେ ମତେ ପିନ୍ଧୁଥିଲେ ।

ଆମ ଭାରତରେ ମୋର ପୂର୍ବ ପୁରୁଷ ହେଉଛି କଠଉ । ଏଇ କଠଉ ପିନ୍ଧି ନାରଦ ମହାଋଷି ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ସବୁଆଡ଼େ ବୁଲୁଥିଲେ । ସାନ ଭାଇ ଭରତ ଶ୍ରୀରାମଚନ୍ଦ୍ରଙ୍କର କଠଉ ଆଣି ସିଂହାସନରେ ରଖି ପୂଜା କରୁଥିଲେ ବୋଲି ଆମେ ରାମାୟଣରୁ ପଢ଼ିଛେ । ମୋର ପାଷୋଇ ରୂପ ବା ଚମଡ଼ା ଶରୀର ଉଦ୍‌ଭାବିତ ହେଲା ଅନେକ ପରେ । ଜଣେ ରାଜା କୁଆଡ଼େ ତାଙ୍କ ପାଦ ମଇଳା ହେବ ବୋଲି କହିଲେ, "ମୁଁ ଯେଉଁଆଡ଼େ ଯିବି ସେ ଆଡ଼େ ନରମ ଚମଡ଼ା ବିଛାଅ" । ମନ୍ତ୍ରୀ ଥିଲେ ବୁଦ୍ଧିମାନ । ସେ ଭାବିଲେ ରାଜାଙ୍କର ପାଦକୁ ଚମଡ଼ାରେ ଢାଙ୍କିଦେଲେ ଗଲା । ସବୁଆଡ଼ ଚମଡ଼ା ଆସ୍ତରଣ ବିଛେଇବା ଦରକାର କ'ଣ? ସେଇଥିରୁ ମୁଁ ଜନ୍ମ ନେଲି । ମୋର ସୁନ୍ଦର ରୂପକୁ ପିନ୍ଧି ରାଜା ମଚ ମଚ ହୋଇ ଚାଲିଲେ ।

ମୋର ଉପଯୋଗିତା ଶୀତ ପ୍ରଧାନ ଅଞ୍ଚଳରେ ସବୁଠାରୁ ଅଧିକ । ଯେଉଁଠି ବର୍ଷତମାମ ବରଫ ପଡ଼େ । ମତେ ଛାଡ଼ି ମଣିଷ ଚଳିବ କେମିତି? କେବଳ ମଣିଷ କାହିଁକି ବରଫ ଜାଗାରେ ବଲ୍‌ଗା ହରିଣ ଓ କୁକୁରଙ୍କୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ମତେ ତିଆରି କରି ସେମାନଙ୍କୁ ପିନ୍ଧାଇ ଦିଆଯାଏ ।

Digitized by srujanika@gmail.com

ବିଭିନ୍ନ ପ୍ରକାରର ଆବଶ୍ୟକତାକୁ ଆଖିରେ ରଖି ମୋର ସ୍ୱରୂପ ମଧ୍ୟ ଭିନ୍ନ ଭିନ୍ନ । ମୁଁ ମଣିଷର ଏକ ପରମ ମିତ୍ର । ସବୁ ପରିସ୍ଥିତିରେ ତା' ସାଙ୍ଗରେ ଥାଏ । କେତେବେଳେ ପତଳା ଚମଡ଼ା କି ରବର ଖଣ୍ଡେ ହୋଇ ତ କେତେବେଳେ ପାଦ ତଳୁ ଅଧା ଜଂଘ ଯାଏ ମୁଁ ବିସ୍ତାରିତ ହୋଇଥାଏ । ନାରୀମାନଙ୍କୁ ଟିକେ ଉଚ୍ଚା କରି ଦେଖେଇବା ପାଇଁ ଦେହରେ ଲମ୍ବା ଗୋଇଠି ଲଗାଏ । କେତେ ରଙ୍ଗ, କେତେ ଢଙ୍ଗରେ ମୋ ଶରୀର ତିଆରି ତାକୁ ଦେଖିଲେ ଜଣେ ତାଜୁବ୍ ହେବ ନିଶ୍ଚୟ ।

ଆଜିକାଲିର ପଲିମର୍ ଯୁଗରେ ମୁଁ ଆଉ କେବଳ ଚମଡ଼ା ତିଆରି ଜିନିଷ ହୋଇ ନାହିଁ । ପୃଥିବୀରେ କେତେ ପ୍ରସିଦ୍ଧ କମ୍ପାନି ମୋତେ ନେଇ ବେଶ୍ ଲାଭଜନକ ବ୍ୟବସାୟ କରୁଛନ୍ତି ।

ଦିନ ଥିଲା, ମୋ କାରିଗରକୁ ନ୍ୟୁନ କରି ଦେଖୁଥିଲେ ଲୋକେ । ମାତ୍ର ଏବେ ମୁଁ ଏକ ସମ୍ଭ୍ରାନ୍ତ ସାମଗ୍ରୀ । କହାଯାଉଛି ଯାହାର ପାଦରେ ମୋର ଆଖିଦୃଶିଆ ରୂପ ଲାଗିଛି ସେ ନିଶ୍ଚୟ ଜଣେ ସମ୍ଭ୍ରାନ୍ତ ମଣିଷ । ମତେ ଚକ୍ ଚକ୍ ରଖାଯାଇଛି ମାନେ ମତେ ଯେ ପିନ୍ଧିଛନ୍ତି ସେ ଜଣେ ରୁଚିସମ୍ପନ୍ନ ମଣିଷ ।

●●●●



Digitized by srujanika@gmail.com

ସ୍କୁଲ୍ ବ୍ୟାଗ୍



ସ୍କୁଲ୍ ଯାଉଥିବା ଏମିତି କେହି ପିଲା ନ ଥିବ ଯିଏ ମତେ ନ ଜାଣେ! ମୋ ନାମ ସ୍କୁଲ୍ ବସ୍ତାନି ବା ସ୍କୁଲ୍ ବ୍ୟାଗ୍ । ମୁଁ ପ୍ରତ୍ୟେକ ପିଲାର ପ୍ରିୟ ବସ୍ତୁ ।ମୋ ଭିତରେ ପାଠପଢ଼ା ଜିନିଷ ଥାଏ ବୋଲି ନୁହେଁ, ମୁଁ ମଧ୍ୟ ସେମାନଙ୍କର ଆଲିମାଲିକା ଭଣ୍ଡାର । ବହି, ଖାତା, ପେନ୍‌ସିଲ୍ କଲମରୁ ଆରମ୍ଭ କରି ଇଞ୍ଚପଟା, ରବର କମ୍ପାସ୍, କ୍ରେଅନ୍ ଆଦି କେତେ କେତେ ପାଠପଢ଼ା ସହ ଯୋଡ଼ା ଦରକାରୀ ଜିନିଷ ମୋ ଭିତରେ ସେମାନେ ଭରି କରନ୍ତି । ତା' ସଙ୍ଗକୁ ଥାଏ ଆହୁରି କେତେ କଥା । କିଏ ସେଥିରେ ଆଚାର ଛପେଇ ଥାଏ ତ କିଏ ଚକ୍‌ଲେଟ୍ । କିଏ ପିଜୁଳି ତ କିଏ କାନ୍ଥିଆ ।

ସତେ ଯେମିତି ସବୁ ପିଲାଙ୍କର ମନଟା ଛପି ରହିଥାଏ ସେଠି । ଥରେ ସୁଲି ବୋଲି ବୋଲି ଝିଅଟିଏ ଭାବିଲା ତା' ସାଙ୍ଗ ଟୁନି ପାଇଁ

Digitized by srujanika@gmail.com

ଗୋଟେ ଚକ୍‌ଲେଟ୍ ନବ । ମାମୁ ଆଣିଥିଲେ ବିଦେଶରୁ । ବଢ଼ିଆ କୁଡୁକୁଡୁ ମିଠା । ସୁଲିକୁ ବୋଉ ଦେଇଥିଲେ ଦୁଇଟା । ସେ କିନ୍ତୁ ଗୋଟିଏ ଖାଇ ଆରଟି ରଖିଥିଲା ସ୍କୁଲ୍ ବ୍ୟାଗ୍‌ରେ । ଟୁନି କେତେ ଖୁସି ହେବ! ବିଚରା ଗରିବ ଘର ପିଲା, ଏମିତିକା ଦାମିକା ଚକୋଲେଟ୍ ସେ ପାଇବ କାହୁଁ?

ଖରାରତୁ । ସ୍କୁଲ୍‌ରେ ପହଞ୍ଚି ଟୁନିକୁ ଦେବାପାଇଁ ସୁଲି ମତେ ଅଣ୍ଡାଳିଲାବେଳକୁ ଚକୋଲେଟ୍‌ଟା ତରଳି ଯାଇ ଖାତା ସାରା ଇଲିବିଲା ହେଇଯାଇଛି । ସେଦିନ ସୁଲିର ମୁହଁକୁ ଦେଖିବା କଥା । ଦୁଃଖରେ ପୂରା ଝାଉଁଳି ପଡ଼ିଥାଏ । ଚକ୍‌ଲେଟ୍ ତ ସାଙ୍ଗକୁ ଦେଇପାରିଲାନି, ସେଥିରେ ପୁଣି ବହି ଖାତା ସହ ମୋ ଭଳି ତା'ର ପ୍ରିୟ ଜିନିଷଟା ବି ଖରାପ ହୋଇଯାଇଥାଏ ।

ଅତୀତରେ ମୋର ରୂପ ଥିଲା ପୂରା ଅଲଗା । ତାକୁ କହୁଥିଲେ ବସ୍ତାନି । ଅଖା, କେର୍‌ପାଲ୍, କାନ୍‌ଭାସ ବା କନା ଆଦିରେ ଗୋଟାଏ ଛୋଟ ବସ୍ତା ଭଳି ତିଆରି କରି ତା' ଦେହରେ ଧରିବା ପାଇଁ ଦୁଇଟା ଫିତା ରହୁଥିଲା । ସେଇ ଥିଲା ଓଡ଼ିଆ ପିଲାଙ୍କ ପାଖରେ ମୋର ପ୍ରାଥମିକ ରୂପ । ଦୂର ମଫସଲରୁ ପିଲାମାନେ ମୋ ହାତଧରା ଫିତା ଭିତରେ ଛତାର ବେଣ୍ଟ ପୂରାଇ କାନ୍ଧରେ ଲଦି ଚାଲି ଚାଲି ଯିବା ଆସିବା କରିବାର ଦୃଶ୍ୟ ଏବେ ମଧ୍ୟ କେଉଁଠି କେଉଁଠି ଅଛି ।

କିନ୍ତୁ ପଲିଥିନ୍ ଓ ରେକ୍‌ସିନ ଆଦି ଆସିବା ପରେ ମୋର ଚେହେରା ପୂରା ବଦଳି ଯାଇଛି । ଇଉରୋପ୍‌ରେ ପିଲାମାନଙ୍କ ପାଇଁ ମତେ ସ୍ୱତନ୍ତ୍ର ଭାବେ କେଉଁକାଳୁ ତିଆରି କରାଯାଇଛି । ମାନେ ମତେ ସେମାନେ ଯେମିତି ସହଜରେ କାନ୍ଧରେ ଓହଳାଇ ପିଠି ପଟେ ନେଇ ପାରିବେ ସେଥିଲାଗି ସେତେବେଳେ ସ୍ୱତନ୍ତ୍ର ଫିତା ଖଞ୍ଜା ଯାଇଥିଲା । ମୁହଁ

Digitized by srujanika@gmail.com

ଫିଟି ନ ଯିବା ପାଇଁ ବକ୍‌ଲସ୍ ବା ଚେନ୍ ମଧ୍ୟ ଲଗାଯାଉଥିଲା । ଏବେ ବି ସେ କଥା ଅଛି । ତେବେ ମୋର ଗଢ଼ଣରେ ବହୁତ ପରିବର୍ତ୍ତନ ହୋଇଛି । ଆଜି କାଲିର ପିଲାଏ ଯେମିତି ସ୍କୁଲ୍‌କୁ ଗଲାବେଳେ ଟିଫିନ୍ ବାକ୍‌ସ, ପାଣିବୋତଲ, ମୋବାଇଲ୍ ଏପରି କି ଲ୍ୟାପ୍‌ଟପ୍ ବା ଟାବ୍‌ଲେଟ୍ ନେଇପାରିବେ ସେଥି ସକାଶେ ଅନେକ ଖୋପ ବା ପକେଟ୍ କରାଯାଉଛି ମୋ ଭିତରେ ।

ମୋର ସାଧାରଣ ବସ୍ତାନି ରୂପରେ କ'ଣ ଏତେ ଖୋପ ଥିଲା? କନାରେ ତିଆରି ମୋ ରୂପକୁ ସୁନ୍ଦର କରିବା ପାଇଁ ଗାଁ ଗହଳରେ ମାଆ ଭଉଣୀମାନେ ହଂସ, ପ୍ରଜାପତି ଆଦି ବୁଣୁଥିଲେ ଦେହରେ । କଡ଼ରେ ଝାଲେରି ଲଗାଉଥିଲେ । ସେ ସମୟ ଆଉ ନାହିଁ ।

ସୁବିଧା ପାଇଁ ଇଉରୋପ୍, ଆମେରିକା ଢାଞ୍ଚାରେ ମୋର ପରିବର୍ତ୍ତିତ ରୂପ ଏବେ ସବୁଆଡ଼େ ବ୍ୟବହୃତ ହେଲାଣି । ସ୍କୁଲ୍‌ରୁ ଇଉନିଭର୍ସିଟି ଯାଏ ସବୁ ଛାତ୍ର ଛାତ୍ରୀ ମୋର ଏଇ ଅଲଗା ରୂପକୁ ଧରୁଛନ୍ତି । ମତେ କହୁଛନ୍ତି ବ୍ୟାକ୍‌ପ୍ୟାକ୍ । ମୋର ଜନ୍ମ କେବେ ଠୁ ସେ କଥା ମତେ ବି ଜଣା ନାଇଁ ।

••••

Digitized by srujanika@gmail.com

'ମୋ' କଥାଟି ଶୁଣ' ପିଲାମାନଙ୍କ ପାଇଁ
ଲିଖିତ କେତେକ ଛୋଟ ଛୋଟ ପ୍ରବନ୍ଧର
ଏକ ସୁଖପାଠ୍ୟ ସଂକଳନ ।
ପିଲାମାନଙ୍କର କୌତୂହଳ ମେଣ୍ଟାଇ
ପଠନ ସ୍ପୃହା ବଢ଼ାଇବା ଲାଗି ଏ ଛୋଟ
ବହିଟି ଉଦ୍ଦିଷ୍ଟ । ପ୍ରବନ୍ଧ ପଢ଼ିଲେ
ପିଲାମାନେ ନିଜ ଭିତରେ ଏକ ବିଚାର
ଶକ୍ତି ଖୋଜି ପାଆନ୍ତି ।
ଲେଖାଗୁଡ଼ିକ ସେ ଦିଗରେ ପାହାଚ ମାତ୍ର ।

ଦାଶ ବେନହୁର ଓଡ଼ିଆ ଭାଷା
ସାହିତ୍ୟରେ ଏକ ଜଣାଶୁଣା ନାମ ।
ପିଲାମାନଙ୍କ ସକାଶେ ଲିଖିତ ତାଙ୍କର
ପ୍ରତ୍ୟେକ ଲେଖା ପଛରେ ରହିଛି ଏକ
ଅନ୍ତରଙ୍ଗ ଭାବ । କେନ୍ଦ୍ର ବାଲ୍‌ସାହିତ୍ୟ
ପୁରସ୍କାରରେ ସମ୍ମାନିତ ଏ ଲେଖକ
ପିଲାଙ୍କ ସାହିତ୍ୟକୁ ଏକ ବ୍ରତ ଭାବରେ
ଗ୍ରହଣ କରିଛନ୍ତି ।

ମୋ' କଥାଟି ଶୁଣ

ଆମ ଓଡ଼ିଆ
AMA ODISHA
ISBN 93-84213-02-0
9789384213022

Digitized by srujanika@gmail.com